**ସଂକ୍ଷେପରେ**

## ଭାଜପା ଯୁବମୋର୍ଚ୍ଚାର ହରତାଳ

**ଭୋଗରାଇ, ୨୨।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶନିବାର ଗ୍ରାମ ଉନ୍ନୟନ ବାଟଗ୍ରାମ କାର୍ଯ୍ୟାଳୟ ସମ୍ମୁଖରେ ହରତାଳ କରାଯାଇଛି। ରାଜ୍ୟରେ ସରକାରୀ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଭାବେ ପରସେଣ୍ଟେଜ୍ ଆଦାୟକୁ ବନ୍ଦ କରିବା ଏବଂ ବେକାର ଯୁବତୀଯୁବକଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ଦାବି ନେଇ ଭାଜପା ଯୁବମୋର୍ଚ୍ଚାର ଶତାଧିକ କର୍ମୀ ଦେହୁର୍ଦ୍ଦା ହନୁମାନ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ସରକାରୀ ବିରୋଧୀ ସ୍ଲୋଗାନ ଦେଇ ଗ୍ରାମ ଉନ୍ନୟନ ଅଫିସ୍‌ରେ ପହଞ୍ଚିଥିଲେ। ସେଠାରେ ଯୁବମୋର୍ଚ୍ଚାର ଜିଲା ସଂଯୋଜକ ତୁଷାରେନ୍ଦୁ ସିଂହଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା ହୋଇଥିଲା। ଏହି ହତରାଳରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସିକନ୍ଦର ଅଲ୍ଲୀ, ମଣ୍ଡଳ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, ଉତ୍ତମ ସ୍ୱାଇଁ, ଉତ୍ତମ ବେହେରା, ଭଗବାନ ବେହେରା, ରବୀନ୍ଦ୍ର ଦାସ, ସଞ୍ଜୀବ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି, ଶକ୍ତିପଦ ପାଣ୍ଡେ ପ୍ରମୁଖ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ।

# ‘ଧାନରୁଆ ସାଇକେଲ’ ପ୍ରକଳ୍ପ ଜିଲାରେ ଶ୍ରେଷ୍ଠ


ପ୍ରକଳ୍ପ ସହ ମଧୁସ୍ମିତା।

**ଖଇରା, ୨୨।୧୨(ଡି.ଏନ.ଏ.)**

ଏବେ ଚାଷକାର୍ଯ୍ୟ ପ୍ରତି ଚାଷୀମାନେ ବିତସ୍ପୃହ ହୋଇ ପଡୁଛନ୍ତି। ରୋଗପୋକ ଓ ଅନିୟମିତ ବର୍ଷା ଯୋଗୁ ଅମଳ କମ୍ ହେବା, ଆୟଠାରୁ ବ୍ୟୟ ଅଧିକ ହେବା ଯୋଗୁ ଚାଷ ପ୍ରତି ଚାଷୀମାନେ ସେତେଟା ଆଗ୍ରହ ଦେଖାଉନାହାନ୍ତି। ଏଣୁ ଚାଷରେ କିପରି କମ୍ ଖର୍ଚ୍ଚ କରାଯାଇ ଅଧିକ ଉତ୍ପାଦନ କରାଯାଇପାରିବ ସେ ସମ୍ପର୍କରେ ମଧୁସ୍ମିତା ଏକ ଛୋଟ ପ୍ରୟାସ ଆରମ୍ଭ କରିଛନ୍ତି। ଏହାର ଏକ ଛୋଟ ସମାଧାନ ପାଇଁ ସେ ନିଜ ବିଜ୍ଞାନ ପ୍ରକଳ୍ପ ମାଧ୍ୟମରେ ବାର୍ତ୍ତା ପ୍ରଦାନ କରିଛନ୍ତି। ତାଙ୍କର ଏହି ପ୍ରୟାସ ଜିଲା ପ୍ରକଳ୍ପ ପ୍ରଦର୍ଶନୀରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି।

ଖଇରା ବ୍ଲକ ଗଡପୋଖରୀ ସ୍କୁଲର ୯ମ ଶ୍ରେଣୀ ଛାତ୍ରୀ ମଧୁସ୍ମିତା ସେଠୀ। ଶାରୀଶୁଆ ପାହାଡ ପାଦଦେଶରେ ଥିବା ଗଡପୋଖରୀ ପଞ୍ଚାୟତ ଶରତ ଗ୍ରାମର ଅର୍ଜୁନ ସେଠୀଙ୍କ ଝିଅ ମଧୁସ୍ମିତା ତାଙ୍କର ବିଜ୍ଞାନ ପ୍ରକଳ୍ପ ‘ଧାନ ରୁଆ ସାଇକେଲ’ ନିର୍ମାଣ ପଛରେ ସେ ତାଙ୍କର ଉଦ୍ଦେଶ୍ୟ ପ୍ରକାଶ କରିଛନ୍ତି। ଚାଷୀଟିଏ ଜମିରେ ଧାନ ରୋଇବା ବେଳେ ବହୁତ ମଜୁରି ଦେଇ ଭାରାକ୍ରାନ୍ତ ହୋଇପଡିଥାଏ।

**ଚାଷରେ ସୁଧାର ଆଣିବା ମଧୁସ୍ମିତାଙ୍କ ଲକ୍ଷ୍ୟ**

ତାଙ୍କର ଏହି ପ୍ରକଳ୍ପ ଜରିଆରେ ସାଇକେଲରେ କିଛି ଆନୁଷଙ୍ଗିକ ଯନ୍ତ୍ର ଲଗାଯାଇ କମ ଖର୍ଚ୍ଚରେ ଧାନ ରୁଆ ଯାଇପାରିବ। ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ବହୁତ କମ୍ ବୋଲି ସେ କୁହନ୍ତି। ମଧୁସ୍ମିତା ଗାଇଡ ଶିକ୍ଷକ ଚନ୍ଦ୍ରମୋହନ ମୁର୍ମୁ ଓ କୁପାରୀର ଅନ୍ୟତମ ବୁଦ୍ଧିଜୀବୀ ବିଶ୍ୱରଞ୍ଜନ ମହାପାତ୍ରଙ୍କ ସହଯୋଗରେ ଏହି ପ୍ରକଳ୍ପ ନିର୍ମାଣରେ ସଫଳ ହୋଇଛନ୍ତି। ଏହି ସଫଳତା ଆଗକୁ ରାଜ୍ୟସ୍ତରରେ ପୁରୀଠାରେ ହେବାକୁ ଥିବା ବିଜ୍ଞାନ ପ୍ରଦର୍ଶନୀରେ କୃତକାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ଡିସେମ୍ବର ୧୭ ଓ ୧୮ ତାରିଖରେ ବାଲେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ପ୍ରଦର୍ଶନୀରେ ୩୫୦ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ମୋଟ ୩୧ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଏଥିରେ ମଧୁସ୍ମିତା ପ୍ରଥମସ୍ଥାନ ଅଧିକାର କରିଛନ୍ତି । ଖଇରା ବ୍ଲକର ୭ଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି ।


ଜଉ ଚିତ୍ରଶିଳ୍ପୀ କେଶୁ ଦାସ ଓ ଯୁବ ବାଲୁକାଶିଳ୍ପୀ ଅରୁଣ ବାରିକ।

■ ବିଶ୍ୱପ୍ରସିଦ୍ଧ ଜାଗୃତି ଯାତ୍ରା

# ଚିତ୍ରଶିଳ୍ପୀ କେଶୁ ଦାସ, ବାଲୁକାଶିଳ୍ପୀ ଅରୁଣ ବାରିକ ସାମିଲ

**ବାଲେଶ୍ୱର ଅଫିସ, ୨୨।୧୨**

ବାଲେଶ୍ୱରର ଦୁଇ ପ୍ରତିଭାବାନ ଶିଳ୍ପୀ ଚଳିତବର୍ଷ ୧୧ତମ ବିଶ୍ୱ ପ୍ରସିଦ୍ଧ ଜାଗୃତି ଯାତ୍ରାରେ ଯୋଗଦେବାର ସୁଯୋଗ ପାଇଛନ୍ତି। ଏଥିରେ ୫୦୦ ଉର୍ଦ୍ଧ୍ୱ ଯୁବ ଉଦ୍ୟୋଗୀ, ୨୫ରୁ ଉର୍ଦ୍ଧ୍ୱ ବିଦେଶର ପ୍ରତିନିଧି ସହ ୫୦ଜଣ ଅତିଥି ଓ ୧୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ତଥା ସହଯୋଗୀ ଅଛନ୍ତି। ଓଡ଼ିଶାର ବାଲେଶ୍ୱର ଜିଲାରୁ ଚିତ୍ରଶିଳ୍ପୀ କେଶୁଦାସ ଓ ବାଲୁକାଶିଳ୍ପୀ ଅରୁଣ ବାରିକ ଯୋଗଦେବାର ଗୌରବ ଅର୍ଜନ କରିଛନ୍ତି। ଡିସେମ୍ବର ୨୪ ତାରିଖରେ ମୁମ୍ବାଇରୁ ଯାତ୍ରା ଆରମ୍ଭ ହୋଇ କନ୍ୟାକୁମାରୀ, ମଦୁରାଇ, ବାଙ୍ଗାଲୋର, ଶ୍ରୀ ସିଟି, ବିଶାଖାପାଟ୍ଟନମ୍, ଗଞ୍ଜାମ, ନାଳନ୍ଦା, ଦେଓରିଆ, ଦିଲ୍ଲୀ, ତିଲୋନିଆ, ଅହମ୍ମଦାବାଦ ହୋଇ ପୁଣି ମୁମ୍ବାଇରେ ୮ ତାରିଖ ୨୦୧୯ ଜାନୁୟାରୀରେ ପହଞ୍ଚିବେ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତାରୋକୋ**

**ସଜନାଗଡ଼, ୨୨।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ପଞ୍ଚଲିଙ୍ଗେଶ୍ୱର ରାସ୍ତାର ବାଉଁଶବଣିଆ ଛକଠାରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଥିଲା। ଏକ ବାଲି ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟଣକାଗ୍ରାମର ଗଣପତି ଲେଙ୍କାଙ୍କ ପୁଅ ବିଜୟ (୨୬)। ଏନେଇ ନୀଳଗିରି ଥାନାରେ ମାମଲା (ନଂ.୨୬୨/୧୮) ରୁଜୁ କରାଯାଇଛି। ଶ୍ୟାମସୁନ୍ଦରପୁର ଅଞ୍ଚଳରୁ ଏକ ବାଲି ବୋଝେଇ ଟ୍ରକ୍ (ନଂ.ଓଡ଼ି-୦୧ଏଏ-୧୨୭୨) ପଞ୍ଚଲିଙ୍ଗେଶ୍ୱର ଯାଉଥିବା ବେଳେ ଅପରପାର୍ଶ୍ୱରୁ ଆସୁଥିବା ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିଜୟଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା। ନୀଳଗିରି ଆଇଆଇସି ନଳିତା ମୋଦି, ଅତିରିକ୍ତ ତହସିଲଦାର ରାକେଶ ପଣ୍ଡା ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। ପୋଲିସ ଗାଡ଼ି ଜବତ କରି ଚାଳକଙ୍କୁ ଗିରଫ କରିଥିଲା। ନୀଳଗିରି ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ପରିବାରକୁ ରେଡ଼କ୍ରସ୍ ପକ୍ଷରୁ ୧୦ହଜାର ଓ ବିଧାୟକଙ୍କ ପକ୍ଷରୁ ୩ହଜାର ସହାୟତା ରାଶି ଯୋଗାଇ ଦିଆଯାଇଛି।

■ ରାଜ୍ୟସ୍ତରୀୟ ‘ସକ୍ଷମ’ ଉଦ୍‌ଘାଟିତ

# ୪ ଜିଲାରୁ ୨୫୦ ଦୃଷ୍ଟିହୀନ ସାମିଲ

**ବାଲେଶ୍ୱର ଅଫିସ, ୨୨।୧୨:** ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନଠାରେ ଶନିବାର ରାଜ୍ୟସ୍ତରୀୟ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ନିମନ୍ତେ କାର୍ଯ୍ୟକ୍ରମ ‘ସକ୍ଷମ’ର ୭ମ ଅଧିବେଶନ ଉଦଘାଟିତ ହୋଇଯାଇଛି। କେଉଁଝର, ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ୬ଟି ଦୃଷ୍ଟିହୀନ ବିଦ୍ୟାଳୟ (କେଉଁଝର ସ୍ପେଶାଲ ସ୍କୁଲ, ତେଲକୋଇ ସ୍ପେଶାଲ ସ୍କୁଲ, ଭଦ୍ରକ ବେତଡ଼ାର ସ୍ପେଶାଲ ସ୍କୁଲ, ହେଲେନ୍ କେଲର୍ ଦୃଷ୍ଟିହୀନ ବିଦ୍ୟାଳୟ, ବାରିପଦା ସ୍ପେଶାଲ ସ୍କୁଲ, ବାଲେଶ୍ୱରର ଦୃଷ୍ଟିହୀନ ବିଦ୍ୟାଳୟ)ର ପ୍ରାୟ ୨୫୦ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଦୁଇଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ଦୌଡ଼କୁଦ, ବ୍ରେଲି ରିଡ଼ିଙ୍ଗ୍, ବ୍ରେଲି ଲିଖନ, ମ୍ୟୁଜିକ୍ ଚେୟାର, ଡ୍ରମ୍ କିଟ୍, ଗୀତ, ନାଚ, କୁଇଜ୍, ବକ୍ତୃତା ପ୍ରମୁଖ ପ୍ରତିଯୋଗିତା ହୋଇଥିଲା। ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ଯୋଗଦେଇ ଏହି କାର୍ଯ୍ୟକ୍ରମ ଏକ ଅତ୍ୟନ୍ତ ନିଆରା ପଦକ୍ଷେପ। ଦୃଷ୍ଟିହୀନ ପିଲାମାନେ ପ୍ରକୃତରେ ସକ୍ଷମ ଏବଂ ସେମାନେ ଚାହିଁଲେ ଜୀବନରେ ସବୁକିଛି କରିପାରିବେ ବୋଲି କହିଥିଲେ। ‘ସକ୍ଷମ’ର ଆୟୋଜକ ‘ଦେଶ ବିକାଶ’ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି କୃଷ୍ଣଗୋପାଳ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ‘ସକ୍ଷମ’ କାର୍ଯ୍ୟକ୍ରମର ସମ୍ପାଦକ ଆଶିଷ ଘୋଷ ସ୍ୱାଗତଭାଷଣ ଦେଇଥିବା ବେଳେ ସମ୍ମାନିତ ଅତିଥି ପୂର୍ବତନ ପୌରପାଳ ଆଲୋକ ସାହୁ ଅଭିଭାଷଣ ଦେଇଥିଲେ। ବାଲେଶ୍ୱର ଦୃଷ୍ଟିହୀନ ବିଦ୍ୟାଳୟ ଅଧ୍ୟକ୍ଷ ଦିବାକର ସ ଧନ୍ୟବାଦ ଦେଇଥିଲେ। ‘ସକ୍ଷମ’ର ଉପାଧ୍ୟକ୍ଷ ଅନୁପ କୁମାର ପଣ୍ଡା, ସତ୍ୟରଞ୍ଜନ ଦାସ, ସ୍ମାରକ ଦାଶ, ରଞ୍ଜନ କୁମାର ଦାସ, ସୁଜୟ ନାୟକ, ରବୀନ୍ଦ୍ର ମହାକୁଡ଼, ବିଜୟ ପରିଡ଼ା, ଲକ୍ଷ୍ମୀକାନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମଦ୍ୟପ ବସ୍ ଡ୍ରାଇଭରଙ୍କୁ ଧରିଲେ ଜିଲାପାଳ

**ବାଲେଶ୍ୱର ଅଫିସ, ୨୨।୧୨:** ଶନିବାର ସନ୍ଧ୍ୟାରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ କୌଣସି କାର୍ଯ୍ୟକ୍ରମରେ ଯୋଗଦେବାକୁ କୁରୁଡ଼ା ଅଭିମୁଖେ ଯାଉଥିବା ବେଳେ ତାମୁଲିଆ ଫାଟକ ପଡ଼ିଥିବା ଯୋଗୁ ସେଠାରେ କିଛି ସମୟ ପାଇଁ ଅଟକିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ତେବେ ବାଲେଶ୍ୱରରୁ ଔପଦା ଯାଉଥିବା ଏକ ବସ୍ ସେଠାରେ ପହଞ୍ଚିଥିଲା। ତେବେ ଆଗରେ ବହୁ ଗାଡ଼ି ଅଟକି ଥିଲେ ମଧ୍ୟ ଡ୍ରାଇଭର ବେପରୁଆ ଭାବେ ଗାଡ଼ି ଚଳାଇ ଭିତରକୁ ପଶିବାକୁ ଚେଷ୍ଟା କରିଥିଲା। ଫଳରେ ରାସ୍ତା ଅବରୋଧ ହେବା ସହ ଅଟକି ରହିଥିବା ଅନ୍ୟ ଯାନବାହନ ଚାଳକ ସମସ୍ୟାରେ ପଡ଼ିଥିଲେ। ଏହା ଦେଖି ଜିଲାପାଳ ନିଜ ଗାଡ଼ିରୁ ଓହ୍ଲାଇ ସମ୍ପୃକ୍ତ ବସ୍ ଡ୍ରାଇଭରଙ୍କୁ ତାଗିଦ୍ କରିଥିଲେ। ଏହି ସମୟରେ ଡ୍ରାଇଭର ମଦ ପିଇଥିବା ଜଣାପଡିବା ପରେ ଜିଲାପାଳ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ ପାଇଁ ମାଗିଥିଲେ। ମାତ୍ର ଲୋକଙ୍କ ଭିଡ଼ର ସୁଯୋଗ ନେଇ ବସ୍‌ର ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଟ୍ରାଫିକ୍ ଥାନା ଏଏସ୍‌ଆଇ ପ୍ରଶାନ୍ତ ରଣସିଂହ ସେଠାରେ ପହଞ୍ଚି ବସ୍ ଜବତ କରିବା ସହ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ।

# ବ୍ୟାଙ୍କ ପରିଚାଳକଙ୍କୁ ଆକ୍ରମଣ, ଜଣେ ଗିରଫ

**ଖଇରା, ୨୨।୧୨(ଡି.ଏନ.ଏ.):** ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଖଇରା ଶାଖାର ପରିଚାଳକ ଅଭିରାମ ମହାନ୍ତିଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିବା ଅଭିଯୋଗରେ ଖଇରା ପୋଲିସ ଶାଳଗଡିଆ ଗ୍ରାମର ଜଗବନ୍ଧୁ ବେହେରାଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ୧୯ତାରିଖରେ ପରିଚାଳକ ମହାନ୍ତି, ସହଯୋଗୀ କର୍ମଚାରୀ ରଞ୍ଜନ କୁମାର ମହାନ୍ତି ଓ କାର୍ତ୍ତିକ ବେହେରାଙ୍କ ସହ ମିଶି ହରିପୁର ସେବା ସମିତିରୁ ଧାନକିଣା ସମ୍ବନ୍ଧରେ ଆଲୋଚନା ସାରି ଖଇରା ବ୍ୟାଙ୍କ ଶାଖାକୁ ଫେରୁଥିଲେ। କୁପାରୀ ହାଇସ୍କୁଲ ନିକଟରେ ଜଗବନ୍ଧୁ ବେହେରା ଓ ତାଙ୍କ ପୁଅ ବାପୁଜୀ ବେହେରା ତାଙ୍କ ବାଇକ ଅଟକାଇ ଋଣନେବା ଘଟଣାକୁ ନେଇ ଗାଳିଗୁଲଜ କରିବା ସହ ଠେଙ୍ଗାରେ ମାଡ ମାରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୭୯/୧୮) ରୁଜୁ କରିଛି।



**ସଂକ୍ଷେପରେ**

## ପ୍ରିୟବ୍ରତ ବିଜୁ ଛାତ୍ର ଜନତାର ଜିଲା ସାଧାରଣ ସମ୍ପାଦକ



ବନ୍ତ, ୨୨।୧୨ (ସ୍ୱ.ପ୍ର.): ବିଜୁ ଛାତ୍ର ଜନତା ଦଳର ସଙ୍ଗଠନକୁ ମଜ୍‌ଭୁତ କରିବା ପାଇଁ ଜିଲା କମିଟିକୁ ସମ୍ପ୍ରସାରଣ କରାଯାଇଛି। ପରିବର୍ଦ୍ଧିତ କମିଟିରେ ନୂତନ ଭାବେ ୭ ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଥିବା ବିଜୁ ଛାତ୍ର ଜନତାର ଜିଲା ସଭାପତି ତଥାଗତ ସାମଲ ଏକ ପ୍ରେସ୍ ବିଜ୍ଞପ୍ତିରେ ଘୋଷଣା କରିଛନ୍ତି। ବନ୍ତ ବ୍ଲକରୁ ପ୍ରିୟବ୍ରତ ଦାସଙ୍କୁ ବିଜୁ ଛାତ୍ର ଜନତାର ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ପ୍ରିୟବ୍ରତ ଓଡଙ୍ଗ ପଞ୍ଚାୟତ ସରମରା ଗ୍ରାମର ଭଗବାନ ଦାସଙ୍କ ପୁଅ। ସେ ବିଟେକ ସମ୍ପୂର୍ଣ୍ଣ କରିଥିବା ଜଣେ ଉଚ୍ଚଶିକ୍ଷିତ ଯୁବକ। ତାଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଥିବାରୁ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ପି ଅର୍ଜୁନ ଚରଣ ସେଠୀ, ରାଜ୍ୟ ସାଧାରଣ ସମ୍ପାଦକ ଚିନ୍ମୟ ଦାସ, ରାଜ୍ୟ ଛାତ୍ର ସଭାପତି ରାଣାପ୍ରତାପ ପାତ୍ର, ଜିଲା ଛାତ୍ର ସଭାପତି ତଥାଗତ ସାମଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## 'ଶୃଙ୍ଖଳିତ ହୋଇ ଶିକ୍ଷା ଅଧ୍ୟୟନ କର'

ଧାମନଗର, ୨୨।୧୨ (ଡି.ଏନ.ଏ.): ଧାମନଗର ବ୍ଲକ ଧୃଷୁରୀ ଆପେକ୍ସ ଇଂଲିଶ ମିଡିୟମ ସ୍କୁଲର ୭ମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏବିଇଓ ନିରଞ୍ଜନ କର ଯୋଗଦେଇ ଶୃଙ୍ଖଳିତ ହୋଇ ଶିକ୍ଷା ଅଧ୍ୟୟନ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପାର୍ଥସାରଥୀ ଜେନା ଏବଂ ସମ୍ମାନିତ ଅତିଥି ଭାବେ ବିମ୍ବାଧର ମହାପାତ୍ର, ସଭାପତି ଶର୍ମିଷ୍ଠା ବେହେରା ଯୋଗ ଦେଇଥିଲେ। ବିବରଣୀ ପାଠ କରିଥିଲେ ସମ୍ପାଦିକା କାଦମ୍ବିନୀ ରାୟ। ଉପାଧ୍ୟକ୍ଷ ପ୍ରଶାନ୍ତ ରାମପାଲ ଧନ୍ୟବାଦ ଦେଇଥିଲେ। ୨୦୧ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୈଳାସ ମଣ୍ଡଳ, ରାମଚନ୍ଦ୍ର ମାଝୀ, ସରୋଜିନୀ ମିଶ୍ର, ସୁଶାନ୍ତ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧସିଲା ବୈତରଣୀ ନଦୀବନ୍ଧ

ଆରଡ଼ି, ୨୨।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଆରଡ଼ି ପଞ୍ଚାୟତ ମୁଆଁ ଗାଁ ନିକଟରେ ଶନିବାର ସକାଳୁ ବୈତରଣୀ ନଦୀବନ୍ଧ ଧସି ପଡ଼ିଛି। ପ୍ରାୟ ୫୦ ଫୁଟ ଲମ୍ବର ମାଟି ଅତଡ଼ା ଖସିଛି। ଫଳରେ ସେଠାରେ ୪ ଦିନ ତଳେ ହୋଇଥିବା ପଥରପ୍ୟାକିଂ ସମ୍ପୂର୍ଣ୍ଣ ଭାବେ ନଦୀଗର୍ଭକୁ ଚାଲି ଯାଇଛି। ନଦୀକୂଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକେ ଅତଙ୍କିତ ହୋଇ ପଡ଼ିଛନ୍ତି।

ବୈତରଣୀ ନଦୀକୂଳସ୍ଥିତ ମୁଆଁ ଗାଁରେ ପ୍ରାୟ ୫୦ ପରିବାର ବସବାସ କରୁଛନ୍ତି। ପ୍ରତିବର୍ଷ ଏହି ନଦୀରେ ଗାଁ ପାର୍ଶ୍ୱରେ ମାଟି ଅତଡ଼ା ଖସିବା ସହ ନଦୀବନ୍ଧ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଗ୍ରାମବାସୀ ଏଠାରେ ପଥରପ୍ୟାକିଂ ପାଇଁ ଦାବି କରିଆସୁଛନ୍ତି। ଗ୍ରାମବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଯାଜପୁର ଜଳସେଚନ ବିଭାଗ ପକ୍ଷରୁ ନିକଟରେ ଟେଣ୍ଡର କରାଯାଇ ପଥରପ୍ୟାକିଂ ପାଇଁ ବ୍ୟବସ୍ଥା କରାଯାଇଥିଲା। ଦାୟିତ୍ୱରେ



ମୁଆଁ ନିକଟରେ ବୈତରଣୀ ନଦୀବନ୍ଧରେ ପଥରପ୍ୟାକିଂ ନଦୀକୁ ଧସି ଯାଇଛି।

- ୪ ଦିନ ତଳେ ହୋଇଥିବା ପଥରପ୍ୟାକିଂ ନଦୀଗର୍ଭରେ
- ୫୦ ଫୁଟ ଲମ୍ବର ମାଟି ଅତଡ଼ା ଖସିପଡ଼ିଛି
- ନଦୀପାର୍ଶ୍ୱ ଅଞ୍ଚଳବାସୀ ଭୟଭୀତ

ଥିବା ଠିକାଦର ଜଣଙ୍କ ନଦୀଶଯ୍ୟାରେ ପଥର ନ ପକାଇ ବନ୍ଧ ଉପରେ ପଥର ପକାଇବାରୁ ନଦୀବନ୍ଧ ସହ ପଥରପ୍ୟାକିଂ ଭୁଶୁଡ଼ି ପଡ଼ିଛି ବୋଲି ଗ୍ରାମବାସୀ କହିଛନ୍ତି। ସେହି ଠିକାଦାରଙ୍କୁ ଏଭଳି କାମ ନ କରିବାକୁ ଗ୍ରାମବାସୀ କହିଥିଲେ ମଧ ସେ ଏହାକୁ କର୍ଣ୍ଣପାତ କରି ନ ଥିବା ସେମାନେ ପ୍ରକାଶ କରିଛନ୍ତି। ପଥରପ୍ୟାକିଂ ଧସି ପଡ଼ିବା ପରେ କାମ କରୁଥିବା ଠିକାଦାରଙ୍କ ସମେତ ଶ୍ରମିକମାନେ ସେହି ସ୍ଥାନ ଛାଡ଼ି ଚାଲିଯାଇଥିବା କୁହାଯାଉଛି। ଉଲ୍ଲେଖନୀୟ ଯେ, ମୁଆଁ ଗାଁ ନିକଟରେ ପ୍ରବାହିତ ନଦୀଗର୍ଭ ଅଧିକ ଖାଲୁଆ ହୋଇଥିବାରୁ ସବୁ ସମୟରେ ଏଠାରେ ପାଣି ଭରପୁର ରହିଥାଏ। ପୂର୍ଣ୍ଣିମା ଓ ଅମାବାସ୍ୟା ସମୟରେ ନଦୀରେ ଜୁଆର ଅଧିକ ରହୁଥିବାରୁ କୁମ୍ଭୀର ଭୟ ମଧ ଥାଏ। ଏବେ ନଦୀବନ୍ଧ ଧସି ଥିବାବେଳେ ପୂର୍ଣ୍ଣିମା ତିଥି ହୋଇଥିବାରୁ କୁମ୍ଭୀର ଭୟରେ ଲୋକେ ଭୟଭୀତ ହୋଇପଡ଼ିଥିବା ଗ୍ରାମର ନାରାୟଣ ଦାସ ଓ ଉମେଶ ସାହୁ କହିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ଉପଖଣ୍ଡ ଅଧିକାରୀ ଭୁବନାନନ୍ଦ ମହାନ୍ତି କହିଛନ୍ତି, ନଦୀଶଯ୍ୟାରୁ ପଥରପ୍ୟାକିଂ କାମ ଆରମ୍ଭ ହେବ। ଏବେ କେବଳ ପଥର ଢଳା ଚାଲିଛି। ପଥର ଖଞ୍ଜାଳି ଅଦ୍ୟାବଧି ସେହି ସ୍ଥାନକୁ ଆସିନାହାନ୍ତି। ତେବେ ଗ୍ରାମବାସୀ ଭୟ କରିବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

## ଚାଷୀ ହରମୋହନଙ୍କୁ ଭେଟିଲେ କଂଗ୍ରେସ ଟିମ୍

ଭଦ୍ରକ ଅଫିସ, ୨୨।୧୨

ଧାନରେ ଅଧିକ ଆର୍ଦ୍ରତା ଥିବା ଦର୍ଶାଇ ମିଲର ଧାନ ଫେରାଇ ଦେବାରୁ ଭଦ୍ରକ ବ୍ଲକ ଅନ୍ତର୍ଗତ ସାବରଙ୍ଗ ବଡ଼ଗୋପାଳସାହି ଗ୍ରାମର ଚାଷୀ ହରମୋହନ ବାରିକ ଶୁକ୍ରବାର ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ହରମୋହନଙ୍କୁ ଜିଲା କଂଗ୍ରେସର ଏକ ଟିମ୍ ଭେଟିଛନ୍ତି। କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି ହରମୋହନଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ମିଲର ଓ ସମବାୟ ସମିତି ସମ୍ପାଦକଙ୍କୁ ନିଲମ୍ବନ ଦାବି କରିଛନ୍ତି। ଏଭଳି ଘଟଣାରେ ପ୍ରଶାସନ ଚୁପ୍ ରହିଲେ ଜିଲା କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଗୋଲକ ମହାପାତ୍ର, ଶଶୀକାନ୍ତ ବେହେରା, ବରେନ୍ଦ୍ର ମହାପାତ୍ର, ଗଣେଶ ତ୍ରିପାଠୀ ଓ ବାବାଜୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଷ୍ଠା ଦିବସ ପାଳିଲା ବିଜେଡି

ଚାନ୍ଦବାଲି, ୨୨।୧୨ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ଧାମରା ଜିଲା ପରିଷଦ ଜୋନ୍ ପକ୍ଷରୁ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଛି। ଧାମରା ଗଙ୍ଗାମାତା ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୋଗ ଦେଇଥିଲେ। ଜୋନ୍ ଅଧୀନ ସମସ୍ତ ପଞ୍ଚାୟତର ବିଜେଡି ନେତା ଓ ସମର୍ଥକ ଯୋଗ ଦେଇଥିଲେ। ଭଦ୍ରକର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ରାଜ୍ୟ ପରିଷଦ ସଭ୍ୟ ଅଶୋକ ବଳ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବଳଭଦ୍ର ଲେଙ୍କା, ଧାମରା ସରପଞ୍ଚ ପ୍ରିୟରଞ୍ଜନ ଜେନା, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ପରୀକ୍ଷିତ ଦାସ, ଅନୀଲ ନାୟକ, ନରେଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭଦ୍ରକରେ ଖୋଲିବ ୨ ନୂଆ କୋର୍ଟ

ଭଦ୍ରକ ଅଫିସ, ୨୨।୧୨

ଭଦ୍ରକରେ ୨ଟି ନୂଆ କୋର୍ଟ ଖୋଲାଯିବା ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଭଦ୍ରକରେ ବର୍ଦ୍ଧିତ ଦେୱାନୀ ମାମଲା ତୁରନ୍ତ ଫଇସଲା ପାଇଁ ଆଉ ଗୋଟିଏ ଲେଖାଏ ଅତିରିକ୍ତ ଜିଲା ଜଜ୍, ଅତିରିକ୍ତ ବରିଷ୍ଠ ଦେୱାନୀ ଜଜ୍ କୋର୍ଟ ଖୋଲିବାକୁ ରାଜ୍ୟ ଆଇନ ସଚିବ ଉଚ୍ଚ ନ୍ୟାୟାଳୟଙ୍କୁ ଗତ ୧୭ ତାରିଖରେ ଅନୁରୋଧ କରିବା ସହ ଆନୁସଙ୍ଗିକ ଭିତ୍ତିଭୂମି ଯୋଗାଇ ଦେଇଛନ୍ତି। ଏଥିସହ ଜଜ୍ ନିଯୁକ୍ତି ଲାଗି ସେ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ଭଦ୍ରକରେ ଏବେ ଜିଲା ଜଜ୍ ସମେତ ଗୋଟିଏ ଅତିରିକ୍ତ ଜିଲା ଜଜ୍ କୋର୍ଟ, ବରିଷ୍ଠ ଦେୱାନୀ ଜଜ୍ କୋର୍ଟ ଏବଂ ସହକାରୀ ବରିଷ୍ଠ ଦେୱାନୀ ଜଜ୍ କୋର୍ଟ କାମ କରୁଛନ୍ତି। ଜିଲାରେ ବର୍ଦ୍ଧିତ ମାମଲାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଜିଲାରେ ଏବେ ମୋଟ ୨୩୬୦୭ ଟି ଦେୱାନୀ ମାମଲା, ୪୪୩୪୦ ଫୌଜଦାରି ମାମଲା ବିଚାର ନ ହୋଇ ପଡ଼ି ରହିଥିବାରୁ ଦୀର୍ଘଦିନ ଧରି ବିଚାରଧୀନ ବନ୍ଦୀମାନେ ଜେଲରୁ ମୁକୁଳି ପାରୁନାହାନ୍ତି। ଜିଲାରେ ୯ଟି ଦେୱାନୀ ଜଜ୍ କୋର୍ଟ କାର୍ଯ୍ୟ କରୁଥିବା ବେଳେ ୧୨ଟି ଫୌଜଦାରି କୋର୍ଟ କାମ କରୁଛନ୍ତି। ମୋଟ ୧୫ଟି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭଦ୍ରକ ସଦରମହକୁମାରେ ନିଯୁକ୍ତି ପାଇଁ ବ୍ୟବସ୍ଥା ଥିଲେ ମଧ ଏବେ ମାତ୍ର ୪ ଜଣ କାର୍ଯ୍ୟ କରୁଛନ୍ତି ବୋଲି ଆଇନଜୀବୀ ଗଦାଧର ବଳ ପ୍ରତିକ୍ରିୟା ରଖିଛନ୍ତି। ଆଉ ୨ଟି କୋର୍ଟ ଖୋଲିଲେ ମାମଲାର ଶୀଘ୍ର ଫଇସଲା ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ତୃଣମୂଳସ୍ତରରୁ ଦଳକୁ ମଜ୍‌ଭୁତ ଲାଗି ଆହ୍ୱାନ

ବାସୁଦେବପୁର, ୨୨।୧୨ (ଡି.ଏନ.ଏ.)

ବାସୁଦେବପୁର ଟାଉନ ହଲ୍‌ଠାରେ କଂଗ୍ରେସର 'ମୋ ବୁଥ୍ ମୋ ଗୌରବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଳର ବରିଷ୍ଠ ନେତା ଡା. ସତ୍ୟେନ୍ଦ୍ର କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ ଯୋଗଦେଇ ତୃଣମୂଳ ଓ ବୁଥ୍‌ସ୍ତରରେ ଦଳକୁ ମଜ୍‌ଭୁତ ଲାଗି ଏକଜୁଟ ହୋଇ କାର୍ଯ୍ୟ କରିବାକୁ କର୍ମୀଙ୍କୁ ଆହ୍ୱାନ ଜଣାଇଥିଲେ। ନଗର କଂଗ୍ରେସ କମିଟି ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ତାରାକାନ୍ତ ଡାଙ୍ଗୁଆ, ରତ୍ନାକର ମଳିକ, ସୋହିଦ ଖାଁ, ରତ୍ନାକର ବାରିକ, ଗଙ୍ଗାଧର ବାରିକ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ।

## ୪ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା: ୧୩୫ ଛାତ୍ରୀଛାତ୍ର ପୁରସ୍କୃତ

ପଦ୍ମପୁର, ୨୨।୧୨ (ଡି.ଏନ.ଏ.)

ଭଦ୍ରକ ବ୍ଲକ ଅଧୀନ ସାବରଙ୍ଗ ଉଚ୍ଚ ବିଦ୍ୟାଳୟ ଓ ଲାଲାଜୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର ବ୍ଲକର ସୁଗୋ ଓ କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ ମୋଟ ୮୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କୃତିତ୍ୱ ହାସଲ କରିଥିବା ୧୩୫ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସାବରଙ୍ଗ ଉଚ୍ଚ ବିଦ୍ୟାଳୟରେ ୫୫ ତମ କ୍ରୀଡ଼ା ଉତ୍ସବରେ ପ୍ରଧାନଶିକ୍ଷକ ବାଦଲ କିଶୋର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ। ଲାଲାଜୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଉତ୍ସବକୁ ପ୍ରଧାନଶିକ୍ଷକ



ସାବରଙ୍ଗ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତା।

ମହାପାତ୍ର ଏବଂ ସୁଗୋ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବକୁ ପ୍ରଧାନଶିକ୍ଷକ ଅନିରୁଦ୍ଧ ଧନି ଉଦ୍‌ଘାଟନ କରିଥିଲେ। ଶିକ୍ଷକ ବ୍ରଜକିଶୋର ନାୟକ, ମନୋରଞ୍ଜନ ସାମଲ, ନମିତା ପଣ୍ଡା ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ସେହିପରି କରଞ୍ଜଆଡ଼ିଆ ହାଇସ୍କୁଲର କ୍ରୀଡ଼ା ଉତ୍ସବକୁ ପ୍ରଧାନଶିକ୍ଷକ ଦୟାନିଧି ସାହୁ ଉଦ୍‌ଘାଟନ କରିଥିବା ବେଳେ ଖେଳ ଶିକ୍ଷକ ରମାକାନ୍ତ ମଣ୍ଡଳ, ଶିକ୍ଷକ ହରିଶ୍ଚନ୍ଦ୍ର ପଣ୍ଡା, ସ୍ୱର୍ଣ୍ଣପ୍ରଭା ସାହୁ, ଦୀପ୍ତିମୟୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

**ମୟୂରଭଞ୍ଜ**

## ମହିଳା କନଷ୍ଟେବଳଙ୍କ ଅକାଳ ମୃତ୍ୟୁ

ବଡ଼ସାହି, ୨୨।୧୨ (ସ୍ୱ.ପ୍ର.): ବଡ଼ସାହି ଥାନାରେ କାର୍ଯ୍ୟରତ ମହିଳା କନଷ୍ଟେବଳ ଖୁଲଣା ଶେଜପଡ଼ା(୪୦)ଙ୍କ ଅକାଳ ମୃତ୍ୟୁ ଘଟିଛି। ନିମୋନିଆରେ ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହକୁ ତାଙ୍କ ଗ୍ରାମ ଧାନଘେରାକୁ ଆଣି ଅନ୍ତିମ ସଂସ୍କାର କରାଯାଇଛି। ମୟୂରଭଞ୍ଜ ଜିଲାର ନବନିର୍ବାଚିତ ହାବିଲଦାର ଓ କନଷ୍ଟେବଳ ସଂଘର କର୍ମକର୍ତ୍ତା ତାଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ ସାଙ୍ଗକୁ ସହାୟତା ରାଶି ପ୍ରଦାନ କରିଛନ୍ତି।

## ଜେଏମ୍‌ଏମ୍ ପକ୍ଷରୁ କୁଶ ପୁତ୍ତଳିକା ଦାହ



ବଡ଼ସାହି, ୨୨।୧୨ (ସ୍ୱ.ପ୍ର): ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଯୁବ ଓ ଛାତ୍ର ଶାଖା ପକ୍ଷରୁ କର୍ମୀମାନେ ବଡ଼ସାହି ବଜାରରେ ଥିବା ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତି ତଳେ ମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲା ପ୍ରତି ରାଜ୍ୟସରକାରଙ୍କ ଅବହେଳା ଓ ବୈମାତୃକ ମନୋଭାବ ପାଇଁ ଦଳ ପକ୍ଷରୁ ସପ୍ତାହ ବ୍ୟାପି ଜିଲାର ସମସ୍ତ ବ୍ଲକରେ ଏପରି କାର୍ଯ୍ୟକ୍ରମ କରୁଥିବା ଜଣାଯାଇଛି। ଜିଲାର ପ୍ରମୁଖ ସମସ୍ୟା ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଆଦିକୁ ନେଇ ଜେଏମ୍‌ଏମ୍‌ର ଜିଲା ଛାତ୍ର ସଭାପତି ଧନଞ୍ଜୟ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ରାଜ୍ୟ ସରକାରଙ୍କ ବିରୋଧରେ କଟୁ ସମାଲୋଚନା କରିବା ସହ ନାରାବାଜି କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଛାତ୍ର ଉପସଭାପତି ଦୀନେଶ ସାହୁ, ସମ୍ପାଦକ ବିଶ୍ୱଜିତ ବାରିକ, ବଡ଼ସାହି ବ୍ଲକ ଛାତ୍ର ସଭାପତି ରାଜିବ ବେହେରା, ରାଜେଶ ରୋଶନ ସେଠୀ, ଅମରେଶ ମହାକୁଡ, ଅନିକେତ ସାତୁଆ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

# ଉତ୍ତର ଓଡ଼ିଶାର ବିକାଶ ଲାଗି ହେବ ଘୋଷଣା

ବାରିପଦା ଅଫିସ, ୨୨।୧୨

ଆସନ୍ତା ୫ତାରିଖରେ ମୟୂରଭଞ୍ଜ ଜିଲା ବାରିପଦାକୁ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଦଳୀୟ ସମେତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେ। ବିଶାଳ ଜନସମାବେଶକୁ ସମ୍ବୋଧନ କରି ସରକାରଙ୍କ ସାଢ଼େ ଚାରିବର୍ଷର ଶାସନ କାଳ ମଧ୍ୟରେ ହୋଇଥିବା ଜନହିତକର କାର୍ଯ୍ୟକ୍ରମଗୁଡ଼ିକର ହିସାବ ଲୋକଙ୍କୁ ଦେବେ। ଉତ୍ତର ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଆଗାମୀ ପଦକ୍ଷେପ ସମ୍ପର୍କରେ ମଧ ଘୋଷଣା କରିବେ। ପ୍ରଧାନମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଦଳ ପକ୍ଷରୁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ବାରିପଦା କୃଷ୍ଣଚନ୍ଦ୍ର ଗୋଲେଇସ୍ଥିତ ଏକ ହୋଟେଲର କନଫରେନ୍ସ ହଲ୍‌ରେ ଶନିବାର ଜିଲା ଭାଜପା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ




ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ।

ସୂଚନା ଦେଇଛନ୍ତି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା। ବାରିପଦା ଛଉ ପଡ଼ିଆରେ ଏହି ସଭା ୫ ତାରିଖ ମଧ୍ୟାହ୍ନ ୧୨ ଟାରୁ ୨ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ନିଜ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ଜାତୀୟ ରାଜପଥ ପ୍ରାଧିକରଣ ଓ ତେଲ କମ୍ପାନୀଗୁଡ଼ିକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ମୋଦିଙ୍କ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସ୍ୱତନ୍ତ୍ର କମିଟି ଗଠନ ହେବ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ, ରାଇରଙ୍ଗପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଆଦି ୫ ଟି ସାଙ୍ଗଠନିକ ଜିଲାର

- ୫ରେ ବାରିପଦା ଆସିବେ ପ୍ରଧାନମନ୍ତ୍ରୀ
- ଗଠନ ହେବ ସ୍ୱତନ୍ତ୍ର କମିଟି
- ସାମିଲ ହେବେ ୭ ହଜାର ବୁଥ୍‌ର କର୍ମକର୍ତ୍ତା
- ଛଉ ପଡ଼ିଆରେ ହେବ ସମାବେଶ

୭ ହଜାର ୨୮୧ ଟି ବୁଥ୍‌ର କର୍ମକର୍ତ୍ତା ଯୋଗଦେବେ। ଉତ୍ତର ଓଡ଼ିଶାର ୨୮ ଟି ବିଧାନସଭା କ୍ଷେତ୍ରର ଭାଜପା କର୍ମୀ ମଧ ଏଥିରେ ସାମିଲ ଦେବେ। ଏହି ଖବରଦାତା ସମ୍ମିଳନୀରେ ଭାଜପା ମୟୂରଭଞ୍ଜ ଜିଲା ସଭାପତି(ପୂର୍ବ) ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ରାଇରଙ୍ଗପୁର(ପଶ୍ଚିମ) ସଭାପତି ନବୀନ ରାମ, କେନ୍ଦୁଝର ଜିଲା ସଭାପତି ରାଧାକାନ୍ତ ମହାନ୍ତି, ଭଦ୍ରକ ଜିଲା ସଭାପତି ବଦ୍ରି ଧଳ, ବାଲେଶ୍ୱର ଜିଲା ସଭାପତି ମଦନମୋହନ ଦତ୍ତ, କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମନମୋହନ ସାମଲ, ପ୍ରତାପ ଷଡ଼ଙ୍ଗୀ, ପୂର୍ବତନ ଏମ୍‌ପି ଅନନ୍ତ ନାଏକ, ମୟୂରଭଞ୍ଜ ଜିଲା ଭାଜପା ପ୍ରଭାରୀ ବିଷ୍ଣୁ ସେଠୀ, ରାଜକିଶୋର ଦାସ, ଜୀବନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଦଳକୁ ତୃଣମୂଳ ସ୍ତରରୁ ଦୃଢ଼ କର'

ଭଞ୍ଜକିଆ, ୨୨।୧୨

ରରୁଆଁ ବ୍ଲକର ଭଞ୍ଜକିଆଠାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯଶିପୁର ନିର୍ବାଚନ ମଣ୍ଡଳୀ ୪୪ନଂ. ଜୋନର ବିଜେଡି କର୍ମୀମାନେ ଯୋଗ ଦେଇଥିଲେ। ବିଜୁ ଯୁବ ଜିଲା ଉପ ସଭାପତି ବିପିନ ବିହାରୀ ମହାନ୍ତଙ୍କ ନେତୃତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ଯଶିପୁର ବିଧାୟକ ମଙ୍ଗଳ ସିଂ ମୁଦି ଉପସ୍ଥିତ ଥିବାବେଳେ ଜିଲା ଯୁବ ସଭାପତି ଜାହିର ଖାଁ, ବିଜେଡି ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ପରିଡା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ଯୁବନେତା ଗୋଲକ ବିହାରୀ ନାଏକ, ରାଜ୍ୟ ଯୁବ ସମ୍ପାଦକ ଚକ୍ରଧର ହେମ୍ବ୍ରମ, ଯଶିପୁର ବ୍ଲକ ଅଧ୍ୟକ୍ଷ ମାନଗୋବିନ୍ଦ ନାଏକ, ରରୁଆଁ ବ୍ଲକ ସଭାପତି ଅମରେଶ ଭଞ୍ଜଦେଓ, ବ୍ଲକ କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ଶ୍ରୀ ମହାନ୍ତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଆମରା, ୨୨।୧୨

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଖୁଣ୍ଟା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଶୀଧର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ମନୋଜ କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ମହାପାତ୍ର, ସମ୍ମାନିତ ଅତିଥି ଭାବେ ଖୁଣ୍ଟା ଡାକ୍ତରଖାନାର ଡ. ଅସିତ କୁମାର ସାହୁ ଯୋଗଦେଇଥିଲେ। ଏହି ଅବସରରେ ୧୦୪ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## 'କେନ୍ଦୁପତ୍ର ବିକ୍ରି ଲାଗି ପରମିଟ୍ ଦିଅ'

ବାରିପଦା ଅଫିସ, ୨୨।୧୨

ଦୀର୍ଘ ୩୫ବର୍ଷରୁ ଅଧିକ ହେବ ମୟୂରଭଞ୍ଜ ଜିଲା ଶୁଳିଆପଦା, ବାରିପଦା, ମୋରଡ଼ା, କୁଳିଅଣା ଓ ବେତନଟୀ ବ୍ଲକରେ ପାଖାପାଖି ୨୨ହଜାରରୁ ଅଧିକ ଲୋକ କେନ୍ଦୁପତ୍ର ତୋଳାଳି ଭାବେ ନିୟୋଜିତ ଅଛନ୍ତି। ସେମାନେ କେନ୍ଦୁପତ୍ର ତୋଳି ନିଜର ଜୀବିକା ନିର୍ବାହ କରୁଥିବା ବେଳେ ପରିବାର ପ୍ରତିପୋଷଣ ମଧ କରୁଛନ୍ତି। ଏହି କେନ୍ଦୁପତ୍ର ବ୍ୟବସାୟ ଉକ୍ତ ୫ ବ୍ଲକର ପ୍ରାୟ ଲକ୍ଷେରୁ ଉର୍ଦ୍ଧ୍ୱ ଲୋକଙ୍କୁ ବର୍ଷ ତମାମ ରୋଜଗାର ଓ ଖାଦ୍ୟ ଯୋଗାଉଛି। ମାତ୍ର ଓଡ଼ିଶା ସରକାର ଏହାକୁ ନିମ୍ନମାନର କେନ୍ଦୁପତ୍ର ଦର୍ଶାଇ କିଣିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଅପରପକ୍ଷେ ଏହାକୁ ବାହାରେ ବିକିବା ବିକ୍ରି ନିମନ୍ତେ ପରମିଟ୍ ମଧ ପ୍ରଦାନ କରୁନାହାନ୍ତି। ଏଥିଯୋଗୁ ସ୍ଥାନୀୟ କେନ୍ଦୁପତ୍ର ତୋଳାଳିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ମାତ୍ର ପଶ୍ଚିମବଙ୍ଗର ବ୍ୟବସାୟୀମାନେ ଏହି ପତ୍ରକୁ ଉଚିତ ଦାମ୍‌ରେ ନେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଜେଏମ୍‌ଏମ୍ ପକ୍ଷରୁ ଦର୍ଶାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଶନିବାର ଡାକ ଯୋଗେ ଏକ ଦାବି ପତ୍ର ପଠାଯାଇଛି ବୋଲି ଜେଏମ୍‌ଏମ୍‌ର ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ପଠାଯାଇଥିବା ଚିଠିରେ ବିଶେଷକରି ଆସନ୍ତା ୧୫ଦିନ ମଧ୍ୟରେ ସରକାରଙ୍କ ଏକ ସ୍ୱତନ୍ତ୍ର ଟିମ୍ ଆସି ଏହି ପତ୍ରର ମାନକୁ ଠିକ୍ ଭାବେ ନିର୍ଦ୍ଧାରଣ କରିବା, ବାହାର ରାଜ୍ୟକୁ ଶୁଖିଲା କେନ୍ଦୁପତ୍ର ନେବା ପାଇଁ ପରମିଟ୍ ବା ଟ୍ରାନ୍‌ଜିଟ ପାସ୍ ପାଇଁ ଅନୁମୋଦନ କରିବାକୁ ମଧ ଉଲ୍ଲେଖ ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ପଡ଼ୋଶୀ ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗର ସରକାରମାନେ ବାହାର ରାଜ୍ୟରେ ବିକିବା ପାଇଁ ପରମିଟ୍ ପ୍ରଦାନ କରିଛନ୍ତି ବୋଲି ଜେଏମ୍‌ଏମ୍ ପକ୍ଷରୁ କୁହାଯାଇଛି।

## ଗ୍ରାମ ବିକାଶ କାର୍ଯ୍ୟକ୍ରମ

ବଡ଼ସାହି, ୨୨।୧୨ (ସ୍ୱ.ପ୍ର.)

ବଡ଼ସାହି ବ୍ଲକ ଅଧୀନ କେନ୍ଦୁଡିହା କାଶୀନାଥ ବିଦ୍ୟାପୀଠ ପ୍ରାଙ୍ଗଣରେ ସୁଶାନ୍ତ କୁମାର ବେହେରା ଓ ଚନ୍ଦନ ଦାସଙ୍କ ନେତୃତ୍ୱରେ ଏକ ଗ୍ରାମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାମାଜିକ କର୍ମୀ ରଣଜିତ୍ ପାତ୍ର ସଭାପତିତ୍ୱ କରିଥିବା ବେଳେ ବଡସାହି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯାମୀ ବେହେରା, ବକ୍ତାଭାବେ କେନ୍ଦୁଡିହା ଗ୍ରାମପଞ୍ଚାୟତର ସଭ୍ୟା ରୀନା ନାଏକ ଓ ବଳଭଦ୍ରପୁର ପଞ୍ଚାୟତର ସମିତିସଭ୍ୟ ଭାଗବତ ଦଣ୍ଡପାଟ ଯୋଗଦେଇଥିଲେ। ସେମାନେ ବିଜୁ ଜନତା ଦଳର ଲୋକାଭିମୁଖୀ କାର୍ଯ୍ୟ ତଥା ଆଗାମୀ ଦିନରେ ରାଜ୍ୟ ସରକାର ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ନେଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ।

## 'ଧୁମୁସାର ନାଦ ସ୍ୱପ୍ନରେ ରଙ୍ଗ ଭରିଦିଏ'

ଉଦଳା, ୨୨।୧୨ (ଡି.ଏନ.ଏ.)

ଧୁମୁସା-୨୦୧୮ର ଦ୍ୱିତୀୟ ସନ୍ଧ୍ୟା ଶନିବାର ବେଶ୍ ଆକର୍ଷଣୀୟ ତଥା ରୋମାଞ୍ଚକ ଥିଲା। ଏଥିନିମନ୍ତେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଲୋକସଭା ସଦସ୍ୟ ରାମଚନ୍ଦ୍ର ହାଁସଦା, ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥି ଉଦଳା ବିଡିଓ ପଲ୍ଲବୀ ସ୍ୱାଇଁ, ସମ୍ମାନିତ ବକ୍ତା ଭାବେ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ । ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ହାଁସଦା ଧୁମୁସା ବନ୍ଧୁତ୍ୱର ପରିଚୟ ପାଳଟିଛି ବୋଲି କହିଥିଲେ । ଏହା ସହିତ ତିନି ଦିନ ଧରି ଆୟୋଜିତ ହେଉଥିବା ଉଦଳା ମହୋତ୍ସବରେ ଧୁମୁସାର ନାଦ ଉପଖଣ୍ଡବାସୀଙ୍କ ସ୍ୱପ୍ନରେ ନୂଆ ରଙ୍ଗ ଭରିଦିଏ ବୋଲି କହିଥିଲେ। ମହୋତ୍ସବର ଦ୍ୱିତୀୟ ଦିବସରେ ଆୟୋଜିତ ସଭାରେ କମିଟି ସଭାପତି



ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।

କପ୍ତିପଦା ଉପଜିଲାପାଳ ଭଗବାନ ବେହେରା ସଭାପତିତ୍ୱ କରିଥିଲେ। ମହୋତ୍ସବର ସଂଯୋଜକ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ରବିକାନ୍ତ ମହାପାତ୍ରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ସିଂଘମ୍ ଡ୍ୟାନ୍ସ ଗ୍ରୁପ୍ କଳାକାରଙ୍କ ନୃତ୍ୟ ଚିତ୍ତାକର୍ଷକ ଥିଲା । ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ସାଙ୍ଗକୁ ବିଭିନ୍ନ ଲୋକନୃତ୍ୟ ମହୋତ୍ସବକୁ ଆକର୍ଷଣୀୟ କରିଥିଲା ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ଡିସେମ୍ବର ୨୩/୨୦୧୮ Balasore, Sunday, December 23 / 2018

## ଆତ୍ମହତ୍ୟା ମାମଲା ଶୁଣାଣି ଦୋଷୀଙ୍କୁ ବର୍ଷେ ଜେଲ

**ବାରିପଦା ଅଫିସ,୨୨।୧୨**

ମୟୂରଭଞ୍ଜ ଜିଲା ସିଜେଏମ ଡ. ଭି ସୁଜାତା ଶନିବାର ଏକ ଆତ୍ମହତ୍ୟା ମାମଲାର ବିଚାର କରି ଦୋଷୀଙ୍କୁ ବର୍ଷେ ଜେଲଦଣ୍ଡ ଓ ୫ ଶହ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ, ୧୭ ବର୍ଷ ପୂର୍ବେ ବାରିପଦା ସହର ତୁଳସୀଚଉରା ଅଞ୍ଚଳର ଶାନ୍ତିପ୍ରିୟା ବୈଁଶିଙ୍ଗା ଥାନା ଅନ୍ତର୍ଗତ ପଦ୍ମନାଭପୁର ଗ୍ରାମର ସନ୍ତୋଷ କୁମାର ସିଂଙ୍କୁ ବିବାହ କରିଥିଲେ। ତେବେ ଅଧିକ ଯୌତୁକ ଦାବି କରି ଶାନ୍ତିପ୍ରିୟାଙ୍କୁ ପୂର୍ବରୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଇ ଆସୁଥିଲେ। ମାର୍ଚ୍ଚ ୪ ତାରିଖରେ ସନ୍ତୋଷ ଶାନ୍ତିପ୍ରିୟାଙ୍କ ବାପ ଘରକୁ ଫୋନ କରି ତାଙ୍କ ଝିଅ ସ୍ୱାସ୍ଥ୍ୟବସ୍ଥା ଠିକ ନ ଥିବାରୁ ବାଲେଶ୍ୱର ମେଡିକାଲରେ ଭର୍ତ୍ତି ହୋଇଥିବା କହିଥିଲେ। ପରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ତେବେ ଶାନ୍ତିପ୍ରିୟା ନିର୍ଯାତନା ସହି ନ ପାରି ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ବୈଁଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ ୪୩/୧୮) ରୁଜୁ କରି ସନ୍ତୋଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ଶାନ୍ତନୁ କୁମାର ଦାସ ପରିଚାଳନା କରୁଥିଲେ।

■ ଏନ୍‌ଏଚ୍‌ରୁ ଡୋଲମାଇଟ ବୋଝେଇ ଟ୍ରକ ଲୁଟ ଘଟଣା

# ଆଉ ୫ ଅଭିଯୁକ୍ତ ଗିରଫ

**ବଡବିଲ, ୨୨।୧୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥରୁ ଲୁଟ ହୋଇଥିବା ୧୨ ଚକିଆ ଟ୍ରକକୁ ପୋଲିସ ଗତ ୬ ତାରିଖ ଦିନ ଉଦ୍ଧାର କରିଥିଲା। ଏହି ଲୁଟ ଘଟଣାରେ ସଂପୃକ୍ତ ଆଉ ୫ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଯୋଡା କୁନ୍ଦୁରନାଲା ଅଞ୍ଚଳରତ ମୁନ୍ନା ଓରାମ, ବିନୋଦ ମୁଣ୍ଡା, ଟିସ୍କୋ କଲୋନୀ ବନେଇକଳା ଅଞ୍ଚଳର ବିଜୟ ବଡାଇକ, ବଡବିଲ ସେଡିଂବସ୍ତିର ରଞ୍ଜନ ପଲେଇ, ଠାକୁରାଣୀ ଡୋଲି ହଟିଂର ଖୌସୀ ଓରଫ୍ କୃଷ୍ଣା ପାତ୍ର।

ମିଳିଥିବା ସୂଚନା ଅନୁଯାୟୀ, ଗତ ନଭେମ୍ବର ୧୧ତାରିଖରେ ଛତିଶଗଡ ରାଜ୍ୟ ରାୟଗଡର ଚନ୍ଦ୍ରପୁରରୁ ସମ୍ବଲପୁରର ଅଲେଖ ମହାକୁଡଙ୍କ ଓଆର୧୫ଜି୮୨୮୯ ନମ୍ବର ବିଶିଷ୍ଟ ଟ୍ରକ ନେଇ ଡ୍ରାଇଭର ପ୍ରେମଚାନ୍ଦ କୁଜୁର ଡୋଲମାଇଟ୍ ଲୋଡକରି ଝାଡଖଣ୍ଡ ରାଜ୍ୟ ବଡଜାମଦାସ୍ଥିତ ବାଲାଜୀ ସ୍ପଞ୍ଜ ଆଇରନ ଲିମିଟେଡ ନାମକ କ୍ରସର ଅଭିମୁଖେ ବାହାରିଥିଲା। ତେବେ୧୩ ତାରିଖ ରାତିରେ ଟ୍ରକଟି ୫୨୦ ନମ୍ବର ଜାତୀୟ ରାଜପଥ ଦେଇ ବଡବିଲ ଆଡକୁ ଆସୁଥିଲାବେଳେ ହଠାତ୍ ଏକ ଧଳା ରଙ୍ଗର ବୋଲେରୋରେ ୪ ଜଣ ଦୁର୍ବୃତ୍ତ ଓଭରଟେକ କରି ଟ୍ରକକୁ ଅଟକାଇବା ସହ ଜୋର ଜବରଦସ୍ତ ଡ୍ରାଇଭର ପ୍ରେମ ଚାନ୍ଦ କୁଜୁରଙ୍କୁ ବାନ୍ଧି ଟ୍ରକଟି ଲୁଟି ନେଇଥିଲେ। ଏ ନେଇ ବଡବିଲ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଏହି ଘଟଣାରେ ପୋଲିସ ଲୁଟ ହୋଇଥିବା ଟ୍ରକଟିକୁ ରିମୁଳି ନିକଟରୁ ଉଦ୍ଧାର କରି ସଂପୃକ୍ତ ବଡବିଲ ସେଡିଂ ଅଞ୍ଚଳର ମଧୁସୂଦନ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶନିବାର ସମ୍ପୃକ୍ତ ଆଉ ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ପୋଲିସ ଦୁଇଟି ବଲେରୋ ସହ ଏକ ବାଇକ, ୨ଟି ଛୁରୀ ଓ ୫ଟି ମୋବାଇଲକୁ ମଧ୍ୟ ଜବତ କରିଛି।


ଗିରଫ ୫ ଅଭିଯୁକ୍ତ ।

## ପାରୋଲରେ ଆସି କଏଦୀ ମୃତ

**ରାଇରଙ୍ଗପୁର, ୨୨।୧୨(ଡି.ଏନ.ଏ.)**

ପ୍ରାୟ ୧୬ ବର୍ଷ ତଳେ ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ପାଇଥିବା ଜଣେ ହତ୍ୟାକାରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନସ୍ଥ ଗୋରୁମଇଷାଣୀ ଥାନା କୁକୁଡିମୁଣ୍ଡି ଗ୍ରାମର ଗୁରୁବା ଦେହୁରୀ (୫୮) ବୋଲି ଜଣାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗୁରୁବା ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ସର୍କଲ ଜେଲରେ ରହିଥିଲେ। ଗତ ୫ ତାରିଖରେ ଦିନ ସେ ପାରୋଲରେ ବାହାରି ୨୧ ଦିନ ଲାଗି ଛୁଟିରେ ନିଜ ଘରକୁ ଆସିଥିଲେ। ଘରେ ଶୁକ୍ରବାର ଅପରାହ୍ନରେ ଖାଇସାରି ଶୋଇଥିବା ବେଳେ ତାଙ୍କ ମୃତ୍ୟୁ ହୋଇଥିବା ନେଇ ପୁଅ ଛୋଟରାୟ ଦେହୁରୀ ଲିଖିତ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

■ ମାମଲା ରୁଜୁ ଲାଗି ଜିଆର୍‌ପି-ପୋଲିସ ମଧ୍ୟରେ ଛକାପଞ୍ଝା

# ମୃତଦେହ ବ୍ୟବଚ୍ଛେଦରେ ବିଳମ୍ବ

**ବାଲେଶ୍ୱର ଅଫିସ, ୨୨।୧୨**

ବାଲେଶ୍ୱର ହଳଦୀପଦା ଷ୍ଟେଶନ ନିକଟସ୍ଥ ରେଲୱେ ଗେମନ୍ ବ୍ରିଜ୍ ନିକଟରେ ଏକ ମୃତଦେହ ଉଦ୍ଧାର କରାଯାଇଥିଲା। ଖବରପାଇ ପରିବାର ଲୋକ ଜିଲା ମୁଖ୍ୟଚିକିତ୍ସାଳୟକୁ ଆଣିବା ପରେ ଜିଆର୍‌ପି ଏବଂ ପୋଲିସ ମଧ୍ୟରେ ମାମଲା ରୁଜୁ ନେଇ ଛକାପଞ୍ଝା ଚାଲିଥିଲା। ଫଳରେ ମୃତଦେହ ବ୍ୟବଚ୍ଛେଦରେ ବିଳମ୍ବ ହୋଇଛି। ସଦର ଥାନା ଓଡ଼ଙ୍ଗୀ ପଞ୍ଚାୟତ ଗୋସେଇଁପାଟଣା ଗ୍ରାମର ନିରଞ୍ଜନ ଦାସ (୩୦) ଗତ ଶୁକ୍ରବାର ବାଡ଼ ଘେରିବା ପାଇଁ ଆବଶ୍ୟକ ଖୁଣ୍ଟ ଆଣିବାକୁ ଟ୍ରଲିରିକ୍ସା ନେଇ ହଳଦୀପଦା ଷ୍ଟେଶନ ନିକଟସ୍ଥ ରେଲୱେ ଗେମନ୍ ବ୍ରିଜ୍ ନିକଟକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ରାତି ସାଢେ ୮ଟାରେ ଗେମନ୍ ବ୍ରିଜ୍ ନିକଟରେ ପହଞ୍ଚିଥିଲେ। ସେତେବେଳେ ନିରଞ୍ଜନ ରେଳଲାଇନ୍‌ର ମାତ୍ର ୫ ଫୁଟ୍ ଦୂରରେ କ୍ଷତବିକ୍ଷତ ଅବସ୍ଥାରେ ପଡିରହିଥିଲେ। ପରିବାର ଲୋକମାନେ ନିକଟସ୍ଥ ହଳଦୀପଦା ଫାଣ୍ଡିକୁ ଖବରଦେଇ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ମୁଖ୍ୟଚିକିତ୍ସାଳୟ ପରିସର ଫାଣ୍ଡିକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ବିଜୟ ନାୟକ ଉକ୍ତ ଘଟଣା ରେଳ ବିଭାଗର ଅଧୀନ ହୋଇଥିବାରୁ ଉକ୍ତ ମାମଲାର ମେମୋ (କାଜୁଆଲିଟି ଇନ୍‌ଫର୍ମେସନ୍)କୁ ଜିଆର୍‌ପି ଥାନାକୁ ଜଣାଇଥିଲେ। ଜିଲା ଜିଆର୍‌ପି ପୋଲିସ ଥାନାଧିକାରୀ ପ୍ରତାପ ଚନ୍ଦ୍ର ବେହେରା ଉକ୍ତ ମାମଲାର ସମ୍ପୂର୍ଣ୍ଣ ତଥ୍ୟ ହଳଦୀପଦା ଷ୍ଟେଶନ ମାଷ୍ଟରଙ୍କଠାରୁ ଆଣିବା ପାଇଁ ଫାଣ୍ଡି ପୋଲିସ ଓ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଫାଣ୍ଡି ପୋଲିସ ବାଲେଶ୍ୱର ଷ୍ଟେଶନ ମାଷ୍ଟରଙ୍କୁ ଅବଗତ କରାଇବା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ଶବ ବ୍ୟବଚ୍ଛେଦ ହୋଇପାରିନାହିଁ। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ବିଜୟ ନାୟକ କହନ୍ତି, ଡାକ୍ତରଙ୍କଠାରୁ ରିପୋର୍ଟ ପାଇବା ପରେ ମେମୋ ପ୍ରସ୍ତୁତ କରି ଜିଲା ଜିଆର୍‌ପି ଥାନାକୁ ଜଣାଇଥିଲୁ। ପରେ ବାଲେଶ୍ୱର ଷ୍ଟେଶନ ମ୍ୟାନେଜର ଭାଗବତ ଦାସଙ୍କୁ ଲିଖିତ ମେମୋ ପଠାଇଥିଲୁ। ସେ ଗ୍ରହଣ ନ କରି ଫେରାଇ ଦେବାରୁ ଶବ ବ୍ୟବଚ୍ଛେଦ ହେବାରେ ବିଳମ୍ବ ହେଉଛି ବୋଲି ପ୍ରକାଶ କରିଛନ୍ତି। ବାଲେଶ୍ୱର ଷ୍ଟେଶନ ମ୍ୟାନେଜର ଭାଗବତ ଦାସ କୁହନ୍ତି, ମୃତକ ଜଣକ ରେଳଗାଡ଼ିରେ କୁଆଡ଼େ ଯାତାୟାତ କରୁ ନ ଥିଲେ। ସେ ଗାଡ଼ିରେ ପିଟି ହୋଇ ମୃତ୍ୟୁବରଣ କରିଥିବା କୌଣସି ସୂଚନା ମିଳିନାହିଁ। ପୋଲିସ ପକ୍ଷରୁ ମିଳିଥିବା ମେମୋ ପାଇବା ପରେ ପରିବାର ଲୋକଙ୍କୁ ଏକ ଲିଖିତ ଆବେଦନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ଲିଖିତ ପହଞ୍ଚିନାହିଁ। ମିଳିଲେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଭାଲୁ ଆକ୍ରମଣରେ ଗୃହରକ୍ଷୀ ଗୁରୁତର

**ସଜନାଗଡ଼, ୨୨।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଅଧୀନ ବରହମପୁର ଥାନାର ଜଣେ ଗୃହରକ୍ଷୀ ଶୁକ୍ରବାର ବିଳମ୍ବିତ ରାତିରେ ଡ୍ୟୁଟି କରୁଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ସେ ହେଲେ ରବୀନ୍ଦ୍ର ମାଝି। ତାଙ୍କର ଡାହାଣ ହାତରେ ଗଭୀର ଆଘାତ ସହ ରକ୍ତସ୍ରାବ ହୋଇଥିଲା। ସେ ଜୋର୍‌ରେ ଚିତ୍କାର କରିବାରୁ ଦୂରରେ ଥିବା ଅନ୍ୟ କର୍ମଚାରୀମାନେ ସେଠାକୁ ଆସିବାରୁ ଭାଲୁଟି ତାଙ୍କୁ ଛାଡ଼ି ପଳାଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଥାନା ଆଇଆଇସି ରାଜେନ୍ଦ୍ର ଦାସ ସୂଚନା ଦେଇଛନ୍ତି।

## ୩ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୨୨।୧୨(ଡି.ଏନ.ଏ.)**

ନୀଳଗିରି ବ୍ଲକର ବିଭିନ୍ନ ସ୍ଥାନରେ ସ୍ଥାନୀୟ ଅବକାରୀ ବିଭାଗ ଶନିବାର ଚଢ଼ାଉ କରି ୩ଜଣ ଚୋରା ମହୁଲି ମଦ ବେପାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ସମୁଦାୟ ୨୫ଲିଟର ମଦ, ୨ଶହ ଲିଟର ପୋଚ ଓ ମଦ ରନ୍ଧା ସରଞ୍ଜାମ ଜବତ ହୋଇଛି। ଏନେଇ ବିଭାଗରେ ମାମଲା (ନଂ. ୯୦/୧୮, ୯୧/୧୮ ଓ ୯୨/୧୮) ରୁଜୁ କରାଯାଇଛି। ଗିରଫ ବେପାରୀଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ସେମାନେ ହେଲେ ଭାଲିଆପୋଷି ଗାଁର ମଗୁଆ ମୁର୍ମୁ, ସାନରୁହିଆ ହାଁସଦା, ସଜନାଗଡ଼ ଗାଁର ଶଙ୍ଖେଶ୍ୱର ମାଣିକ। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଅବକାରୀ ଟିମ୍ ଏହି ଚଢ଼ାଉ କରିଥିଲା।




## ଅପହୃତା ନାବାଳିକା ମୟୂରଭଞ୍ଜରୁ ଉଦ୍ଧାର

**ଧାମନଗର, ୨୨।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ପୋଲିସ ଖଡ଼ିମାହାରା ଅଞ୍ଚଳରୁ ଅପହୃତା ନାବାଳିକାଙ୍କୁ ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ସାନକଚମ୍ବିଲା ଗ୍ରାମରୁ ଉଦ୍ଧାର କରିଛି। ପୋଲିସ ସୂଚନା ଅନୁସାରେ, ଖଡ଼ିମାହାରା ଅଞ୍ଚଳର ଏହି ନାବାଳିକାଙ୍କର ଜଣେ ଯୁବକଙ୍କ ସହ ମୋବାଇଲରୁ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଗତ ୧୭ ତାରିଖରେ ନାବାଳିକା ନିଖୋଜ ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ଧୂଷୁରୀ ପୋଲିସ ୧୮ ତାରିଖରେ ଘଟଣାର ତଦନ୍ତ କରି ମୟୂରଭଞ୍ଜରେ ନାବାଳିକା ଥିବା ସୁରାକ ପାଇଥିଲା। ପୋଲିସ ଝାରପୋଖରିଆ ଥାନା ପୋଲିସ ସହାୟତାରେ ଗତ ଶୁକ୍ରବାର ରାତିରେ ସାନକଚମ୍ବିଲା ଗ୍ରାମରେ ଚଢ଼ାଉ କରି ପ୍ରଦୀପ ନାୟକ ନାମକ ଜଣେ ଯୁବକଙ୍କ ଘରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପୋଲିସ ଉଭୟ ନାବାଳିକା ଓ ପ୍ରଦୀପଙ୍କୁ ଥାନାକୁ ଆଣିଥିଲା। ଶନିବାର ଉଭୟଙ୍କୁ ଡାକ୍ତରୀ ମାଇନା କରାଇ ପ୍ରଦୀପଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏସ୍‌ଆଇ ଗୟାଧର ବେହେରା ଏବଂ ଏଏସ୍‌ଆଇ ପ୍ରଦୀପ କୁମାର ନାୟକ ଚଢ଼ାଉରେ ସାମିଲ ଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ. ୨୦୫/୧୮) ରୁଜୁ କରାଯାଇଛି।




■ ଭୟାବହ ଅଗ୍ନିକାଣ୍ଡ

## ୧ ବଖରା ସହ ୫ କୁଇଣ୍ଟାଲ ଧାନ ପୋଡ଼ିଗଲା

**ସଜନାଗଡ଼, ୨୨।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତ ତେଣ୍ଡା ଗ୍ରାମର ସକୁଲ ସାହିରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଗ୍ରାମର ସାମ ସିଂଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଜଣାପଡ଼ିଛି। ଏଥିରେ ତାଙ୍କର ୧ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ୫ କୁଇଣ୍ଟାଲରୁ ଅଧିକ ଧାନ ଭସ୍ମୀଭୂତ ହୋଇଛି। ଖବରପାଇ ରେମୁଣା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

## ଗଛରେ ପିଟିହେଲା ବାଇକ୍: ଜଣେ ମୃତ, ୨ ଗୁରୁତର

**ଭଦ୍ରକ ଅଫିସ, ୨୨।୧୨**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବରଡ଼େଶ୍ୱର ଛକ ନିକଟରେ ଶନିବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଏକ ବାଇକ୍ ଗଛରେ ପିଟି ହେବାରୁ ଘଟଣାସ୍ଥଳରେ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି ଓ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ଗ୍ରାମର ଜଗନ ତନ୍ତୀ(୪୦)। ଆହତଦ୍ୱୟ ହେଲେ ଦୀପକ ଜେନା ଓ ବୁଦ୍ଧିରାମ କୁଣ୍ଡି। ଜଗନଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟରେ ରଖାଯାଇଥିବା ବେଳେ ଆହତଦ୍ୱୟ ଚିକିତ୍ସାଧୀନ ଅଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ ମାମଲା: ଜଣେ ଗିରଫ

**ଭଣ୍ଡାରିପୋଖରୀ, ୨୨।୧୨ (ଡି.ଏନ.ଏ.) –**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ପୋଲିସ ସନ୍ତୋଷ ସେନାପତିଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସନ୍ତୋଷ ବିବାହିତ ହୋଇଥିବା ବେଳେ ଗୁରୁବାର ରାତିରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ତାଙ୍କ ନାବାଳିକା ଝିଅକୁ ଅସଦାଚରଣ କରିଥିବା ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୧୪/୧୮) ରୁଜୁ କରି ସନ୍ତୋଷଙ୍କୁ କୋର୍ଟ ଚାଲାଣ କରିଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଗୋଟିଏ ରାତିରେ ୩ ଘରୁ ଚୋରି

ଯୋଡା,୨୨।୧୨(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହରସ୍ଥିତ ବନେଇକଳାର ନେପାଳୀ ହଟିଂ ଠାରେ ଶୁକ୍ରବାର ବିଳମ୍ବିତ ରାତିରେ କ୍ରମାଗତ ଭାବେ ୩ଟି ଘରୁ ଚୋରି ହୋଇଛି । ନେପାଳୀ ହଟିଂର ପପୁ କାରୁଆ କହିଛନ୍ତି ଯେ, ଶୁକ୍ରବାର ବିଳମ୍ବିତ ରାତିରେ ଚୋରମାନେ ରୋଷେଇ ଘର ଦେଇ ଘର ଭିତରେ ପ୍ରବେଶ କରି ତାଙ୍କ ଘରୁ କଂସାପିତଳ ବାସନ ଓ ଲୁଗାପଟା ଚୋରି କରିନେଇଛନ୍ତି । ସେହିପରି ନେପାଳୀ ହଟିଂର ରାମସିଂ ମୁଣ୍ଡା, ସୁନାରାମ ମୁଣ୍ଡାଙ୍କ ଘରୁ ମଧ ବିଭିନ୍ନ ସାମଗ୍ରୀ ଚୋରି ହୋଇଯାଇଛି । ଏନେଇ ଯୋଡା ଥାନାରେ ଅଭିଯୋଗ ହୋଇଛି ପୋଲିସ ଏହାର ତଦନ୍ତ କରୁଛି । ଘଟଣାଟି ଘଟିଥିବା ନେପାଳୀ ହଟିଂ, ଯୋଡାଥାନା ଠାରୁ ମାତ୍ର ତିନି ଶହ ମିଟର ଦୂରରେ ଅବସ୍ଥିତ ।

### କ୍ରୀଡ଼ା ଉପକରଣ ବଣ୍ଟନ

ପାଟଣା,୨୨।୧୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ବିଜୁ ଯୁବ ବାହିନୀ ପକ୍ଷରୁ ବ୍ଲକର ୨୦ଟି ପଞ୍ଚାୟତର ଯୁବ ଖେଳାଳିଙ୍କୁ କ୍ରୀଡା ଉପକରଣ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ, ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାଏକ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜିକା ବେବି ରାଣୀ ମହାପାତ୍ର, ସଭାପତି ଅବିନାଶ ଦାଶ, ଜାମିଲ ଆଲାମ, ପିଣ୍ଟୁ ଅନସାରୀ ଓ ଚିନ୍ମୟ ଦାଶ ପ୍ରମୁଖ ଯୋଗଦେଇ କ୍ରୀଡା ଉପକରଣ ବଣ୍ଟନ କରିଥିଲେ । ପାଟଣା ବ୍ଲକ ବିଜୁ ଯୁବ ବାହିନୀର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ମହିଳାଙ୍କୁ ଦୁର୍ବ୍ୟବହାର

ହାଟଡିହୀ,୨୨। ୧୨(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମଧୁରଗଡିଆ ଅଞ୍ଚଳର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହିତ ହତ୍ୟା ଧମକ ଦିଆଯାଇଛି । ଏନେଇ ନନ୍ଦିପଦା ଥାନାରେ ଏକ ମାମଲା ରୁଜୁ ହୋଇଛି। ମହିଳା ଜଣଙ୍କ ଥାନାରେ ଅଲେଖ ନାୟକଙ୍କ ନାମରେ ଥାନାରେ ମାମଲା ଦାୟର କରିଛନ୍ତି।

### ଚୋରି, ଥାନାରେ ମାମଲା

ହାଟଡିହୀ,୨୨। ୧୨(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡଅଁର ପୋଷ୍ଟ ଅଫିସରେ ଚୋରି ହୋଇଥିବା ନେଇ ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୋଗରୁ ଜଣାଯାଇଛି ଯେ ପୋଷ୍ଟ ଅଫିସ ତାଲା ଭାଙ୍ଗି ଦୁର୍ବୃତ୍ତ ପୋଷ୍ଟ ଅଫିସର ନଗଦ ଟଙ୍କା ଓ ସୋଲାର ଲାଇଟ୍ ଚୋରୀ କରିନେଇଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୧୪୭/୧୮) ରୁଜୁ କରି ତଦନ୍ତ ଚଳାଇଛି।

### ଭୁବନାନନ୍ଦ ପବ୍ଲିକ ସ୍କୁଲରେ ବିଜ୍ଞାନମେଳା

ରାଇସୁଆଁ,୨୨।୧୨(ଡି.ଏନ.ଏ.)- କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଭୁବନାନନ୍ଦ ପବ୍ଲିକ ବିଦ୍ୟାଳୟରେ ଶନିବାର ୧୨ ତମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ୧୨୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ସିନିୟର ବିଭାଗରେ ଉତ୍ପଳ ମହାନ୍ତ, ଜୁନିୟର ବିଭାଗରେ ରିତୁରାଜ, ଶିଶୁ ବିଭାଗରେ ବସିସ ବେହେରାଙ୍କ ପ୍ରକଳ୍ପ ଗୁଡିକ ମନୋନୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଧାକୃଷ୍ଣ ଆଦିବାସୀ ଆବାସିକ ବିଦ୍ୟାଳୟର ସଭାପତି ରୁକ୍ମିଣୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶର୍ମିଳା ଗିରୀ ଅତିଥି ପରିଚୟ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥଲେ।

### ୩୮୨ ପ୍ୟାକେଟ ଧାନ କ୍ରୟ

ପାଟଣା,୨୨।୧୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକର ସାତଟି ଧାନ ମଣ୍ଡି ମଧ୍ୟରୁ ୫ଟି ମଣ୍ଡି ଖୋଲିଛି। ଜିଲା ଯୋଗାଣ ବିଭାଗ ଖରିଫ ଋତୁରେ ପାଟଣା ବ୍ଲକର ପାଟଣା ଓ ରାଜନଗର ସମବାୟ ସମିତି ଜରିଆରେ ୭ଟି କେନ୍ଦ୍ର ମାଧମରେ ଚାଷୀମାନଙ୍କଠାରୁ ମୋଟ ୩୬ହଜାର କୁଇଣ୍ଟାଲ ଧାନ କିଣିବାର ଧାର୍ଯ୍ୟ ରଖିଛି। ପାଟଣା ମୁଖ୍ୟାଳୟ ଧାନ ମଣ୍ଡିକୁ ଶୁକ୍ରବାର ପୂର୍ବାହ୍ନରେ ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ, ତହସିଲଦାର ଶିବ ପ୍ରସାଦ ମୂର୍ମୁ, ବିଡ଼ିଓ କୁଶଳ ଚନ୍ଦ୍ର ନାଏକ, ସମବାୟ ସମିତି ସଭାପତି ବିଶ୍ୱନାଥ ନାଏକ, ଏମଡି ବିରବର ଦାଶ, ବୈତରଣୀ ରାଇସ ମିଲ ଚିକିତ୍ସାଧିକାରୀ ବିବେକାନନ୍ଦ ଦାଶ, ସମବାୟ ସମିତି ଡାଇରେକ୍ଟର ଅଜିତ କୁମାର ସେଠୀ, ଜାତୀନ୍ଦ୍ର କୁମାର ଦାଶ ଓ ପ୍ରମୋଦ କୁମାର ଭଞ୍ଜଙ୍କ ଉପସ୍ଥିତିରେ ପ୍ରଥମ ଦିନ ରେ ୩୮୨ ପ୍ୟାକେଟ ଧାନ କ୍ରୟ କରାଯାଇଛି।

■ ବେଧଡ଼କ ଚାଲିଛି ଖଣିଜ ଚୋରା କାରବାର

# ଜଙ୍ଗଲ ଭିତରେ ଚୋରା ପିଲେଟ୍ ଡିପୋ

ଯୋଡା, ୨୨।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ଅଞ୍ଚଳରେ ଥିବା ଏକ ଦୁର୍ଗମ ଜଙ୍ଗଲ ଭିତରେ ଶହ ଶହ ଟନ୍ ଚୋରା ପିଲେଟ୍ ଗଛିତ ଥିବା ଡିପୋ ନଜରକୁ ଆସିଛି । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଯୋଡା ଥାନା ଅନ୍ତର୍ଗତ ଖୁଣ୍ଟପାଣି-ସୁରୁଗୁଡୁରିଆ ଅଞ୍ଚଳରେ ଥିବା ଏକ ଜଙ୍ଗଲ ଭିତରେ ଏହି ଲୁହା ପଥର ଗୋଲି ପିଲେଟ୍ ଡିପୋକୁ ଯିବା ପରେ ଜଣାପଡିଥିଲା ଯେ, ଜଙ୍ଗଲ ଭିତରେ ଚୋରାରେ ଲୁହା ପଥର ଗୋଲି ପିଲେଟକୁ ଡମ୍ପରରେ ପରିବହନ କରାଯାଇ ଉକ୍ତ ସ୍ଥାନରେ ଗଛିତ ରଖାଯାଇଛି । ଏହାର ଆନୁମାନିକ ପରିମାଣ ପ୍ରାୟ ୧ଶହ ମେଟ୍ରିକ ଟନ୍ ରୁ ଉର୍ଦ୍ଧ୍ୱ ହେବ । ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଉଛି ।
ଏନେଇ ଯୋଡା ପୋଲିସ୍‌କୁ ଜଣାଇବା ପରେ ଯୋଡା ଥାନା ଅଧିକାରୀ ମନୋଜ କୁମାର ରାଉତ ସଦଳବଳେ ଘଟଣାସ୍ଥଳକୁ ଯାଇ ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ । ଏ ବିଷୟରେ ତାଙ୍କୁ ପଚାରିବାରୁ ରାଉତ କହିଥିଲେ ଯେ, ଏଠାରେ କିଏ ଏହି ଚୋରା ପିଲେଟ୍‌କୁ ଗଛିତ କରି ରଖିଛି , ତାହା ଜଣାପଡିନାହିଁ । ଏନେଇ କୌଣସି ଅଭିଯୋଗ ହେଲେ


ଯୋଡା ଜଙ୍ଗଲ ଭିତରେ ଚୋରା ପିଲେଟ୍ ଡିପୋ ।

**ଟେର୍ ପାଉନି ପୋଲିସ**

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପିଲେଟ୍ ନିର୍ମାଣକାରୀ ଶିଳ୍ପ ସଂସ୍ଥା ଆର୍ଯ୍ୟା କାରଖାନା, ଜିନ୍ଦଲ କାରଖାନା କର୍ତ୍ତୃପକ୍ଷଙ୍କୁ ଡକାଇ ଏ ସମ୍ପର୍କରେ ପଚରାଉଚରା କରାଯିବ ବୋଲି ସେ କହିଥିଲେ । ଖଣି ବିଭାଗକୁ ଏନେଇ ରାଉତ ଜଣାଇବା ପରେ ଖଣି ବିଭାଗ ପକ୍ଷରୁ , ପିଲେଟ୍ ଏକ ଫିନିସ୍‌ଡ୍ ପ୍ରଡକ୍ଟ ଏହାକୁ ଖଣି ବିଭାଗ ଜବତ କରିପାରିବ ନାହିଁ ବୋଲି କୁହାଯାଇଥିଲା ବୋଲି ରାଉତ ଅଧିକ ସୂଚନା ଦେଇ କହିଥିଲେ । ଗୋଟିଏ ପକ୍ଷରେ ପୋଲିସ କୌଣସି ଅଭିଯୋଗ ନ ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନ ଥିବା କହୁଥିବା ବେଳେ ଯୋଡା ଖଣି ବିଭାଗ ଏହା ଏକ ଖଣିଜ ଫିନିସଡ୍ ପ୍ରଡକ୍ଟ ଦର୍ଶାଇ ଜବତ କରିପାରିବ ନାହିଁ ବୋଲି କହୁଛି । ଅନ୍ୟପକ୍ଷରେ ଜଙ୍ଗଲ ଭିତରେ ଏହିପରି ଚୋରା ଡିପୋ କରାଯାଇ ଚୋରାଚାଲାଣ କରାଯାଉଥିବା ବେଳେ ବନବିଭାଗ କିପରି ଜାଣିପାରୁନାହିଁ ବୋଲି ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ହୋଇଛି । ପୂର୍ବରୁ ଯୋଡା ଥାନା ଅନ୍ତର୍ଗତ ବାଂଶପାଣିଠାରେ ଏହି ପରି ଚୋରା ପିଲେଟ୍ ଡିପୋ କରାଯାଇ ଆନ୍ତଃରାଜ୍ୟକୁ ଚୋରାଚାଲାଣ କରାଯାଉଥିଲା । ସେ ସମୟରେ ତତ୍କାଳୀନ କେନ୍ଦୁଝର ଏସପି ରାଜେଶ ପଣ୍ଡିତଙ୍କ ନିର୍ଦ୍ଦେଶରେ ଯୋଡା ପୋଲିସ ଚଢାଉ କରି ପିଲେଟ୍ ଜବତ କରିଥଲେ । ଏଥିରେ ସମ୍ପୃକ୍ତ ଥିବା କାଁ ଭାଁ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିଲା । ହେଲେ ଏହି ଚୋରାକାରବାରର ମାଷ୍ଟରମାଇଣ୍ଡ ଏବେ ମଧ ପୋଲିସ ଆଖିରେ ଧୂଳି ଦେଇ ଏହି କାର୍ଯ୍ୟକଳାପ ଜାରି ରଖିଥିବା ଅଭିଯୋଗ ହୋଇଛି ।
ଯୋଡା ଖଣି ମଣ୍ଡଳରୁ ଆଇରନ୍ ଓ ମାଙ୍ଗାନିଜ୍ ପଥର ଚୋରାରେ ଝାଡଖଣ୍ଡ ରାଜ୍ୟର ବିଭିନ୍ନ ସୀମାବର୍ତ୍ତୀ ଅଞ୍ଚଳ ଗୁଡିକୁ ଚୋରମାନେ ପରିବହନ କରୁଛନ୍ତି । ଯୋଡା ଖଣି ଉପନିର୍ଦ୍ଦେଶାଳୟ ନିରବଦ୍ରଷ୍ଟା ସାଜିଥିବା ବେଳେ ଜିଲା ଟାସ୍କ ଫୋର୍ସ ଓ ରାଜ୍ୟ ସ୍ତରୀୟ ଖଣି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଖଣି ଅଞ୍ଚଳକୁ ଗସ୍ତ କରୁ ନ ଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ କେନ୍ଦୁଝର ଡିଏଫଓ ଦାୟିତ୍ୱରେ ଥିବା ଆନନ୍ଦପୁର ଡିଏଫଓ ଅଜିତ କୁମାର ଶତପଥୀ ଘଟଣା ବିଷୟରେ ପଚାରି ବୁଝିଥିଲେ ଓ ଯୋଡା ବନ ବିଭାଗକୁ ଜଣାଇବେ ବୋଲି କହିଛନ୍ତି।

■ ଲୋନ୍ କରାଇଦେବା ପାଇଁ ଲାଞ୍ଚ

# ବରିଷ୍ଠ କିରାଣିଙ୍କୁ ୧ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)

ଲୋନ୍ କରାଇ ଦେବା ପାଇଁ ଲାଞ୍ଚ ନେଇ ଗିରଫ ହୋଇଥିବା ଖଦି ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରିଜ କର୍ପୋରେଶନ(କେଭିଆଇସି)ର ବରିଷ୍ଠ କରାଣି ବିଭୀଷଣ ନାୟକଙ୍କୁ ସ୍ପେଶାଲ ଜଜ୍ ସିବିଆଇ କୋର୍ଟ-୨ ଶନିବାର ଦଣ୍ଡିତ କରିଛନ୍ତି। କୋର୍ଟ ମାମଲାର ବିଚାର କରି ବିଭୀଷଣଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶ ଦେବା ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ କୋର୍ଟ ରାୟ ଦେଇଛନ୍ତି। ବିଭୀଷଣଙ୍କ ଘର କେନ୍ଦୁଝରର ବ୍ରାହ୍ମଣଗାଁ। ସେ ଭୁବନେଶ୍ୱର ଶିଶୁପାଳଗଡ଼ରେ ରହୁଥିବାବେଳେ କେଭିଆଇସିରେ ବରିଷ୍ଠ କିରାଣି ଥିଲେ। ୨୦୧୩ରେ ପିଏମ୍‌ଇଜିପିରେ ଲୋନ କରାଇଦେବା ଲାଗି ନୀଳକଣ୍ଠ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଛତ୍ରପଡା ଗ୍ରାମର ନୀଳକଣ୍ଠ ମାନସିଂଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ସିବିଆଇ ହାତରେ ଧରାପଡ଼ିଥିଲେ।

# କୋଇଲା ଗୁଣ୍ଡ ପକାଇ ରାସ୍ତା ନିର୍ମାଣ, ଜନ ଅସନ୍ତୋଷ ବୃଦ୍ଧି


କାଦୁଅ ପଚପଚ ପୁଟୁଳିଆ ରାସ୍ତା ।

ରାଇସୁଆଁ,୨୨।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ଅଂଚଳ ରେ ରାସ୍ତା ନିର୍ମାଣ, ପୋଲ ନିର୍ମାଣ ରେ ଦିନକୁ ଦିନ ବ୍ୟାପକ ଅର୍ଥ ହରିଲୁଟ ହେଉଥିବା ବହୁ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି । ଏହାସହ ପ୍ରଶାସନିକ ଅଧିକାରୀ ମାନେ କୋଟି କୋଟି ଟଙ୍କା ଲୁଟୁଥିବାରୁ ଠିକାଦାର ଯନ୍ତ୍ରୀ ମାନେ ମାଲାମାଲ ହେଉଛନ୍ତି ।
ରାସ୍ତା ନିର୍ମାଣର ମାସେ ଯାଉନି ଭାଙ୍ଗି ନଷ୍ଟ ହୋଇଯାଉଛି । ଏହି ପରି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ସଦର ବ୍ଲକର ପଦ୍ମପୁର ପଞ୍ଚାୟତର ପୁଟୁଳିଆ ରାସ୍ତା । ଏହି ରାସ୍ତା ବିଷୟରେ ଧରିତ୍ରୀରେ ଖବର ପ୍ରସାରିତ ହେବା ପରେ ପ୍ରଶାସନ ତରଫରୁ ତରବରିଆ ଭାବେ କୋଇଲା ଗୁଣ୍ଡ ପକାଇ ରାସ୍ତା ସମତୁଲ କରିବା ପାଇଁ ପ୍ରୟାସ କରାଯାଇଥିଲା । କିନ୍ତୁ ଏହି ରାସ୍ତା ସମତୁଲ କାମ ଅତିନିମ୍ନ ମାନର ଯୋଗୁ ସାମାନ୍ୟ ବର୍ଷାରେ ଧୋଇ ହୋଇଯାଇ ଯାତାୟତ ଅନୁପୋଯୋଗୀ ହୋଇପଡ଼ିଛି । ତେଣୁ ଏଥିପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏହି ରାସ୍ତା କାର୍ଯ୍ୟ ସାଧାରଣ ନିର୍ବାଚନ ପୂର୍ବରୁ ନିର୍ମାଣ ନହେଲେ ସ୍ଥାନୀୟ ଲୋକେ ମଥ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।

# ୩୦ ବିଧାନସଭା, ୨ ଲୋକ ସଭାରେ ପ୍ରାର୍ଥୀ ଦେବ ଜନସମୃଦ୍ଧି ପାର୍ଟି

କେନ୍ଦୁଝର, ୨୨।୧୨(ସ୍ୱ.ପ୍ର.)

ଆସନ୍ତା ସାଧାରଣ ନିର୍ବାଚନରେ ଜନସମୃଦ୍ଧି ପାର୍ଟି ୩୦ ବିଧାନସଭା ଓ ୨ ଲୋକସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଦେବ ବୋଲି ଘୋଷଣା କରିଛି । କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ବରଗଡ଼, ଅନୁଗୁଳ ଆଦି ଜିଲାର ଅନ୍ୟୂନ ୩୦ ବିଧାନସଭା ଓ ୨ ଲୋକସଭା ନିର୍ବାଚନ ମଣ୍ଡଳୀରେ ଜନ ସମୃଦ୍ଧି ପାର୍ଟି ପ୍ରାର୍ଥୀ ଦେବାକୁ ମନସ୍ଥ କରିଛି। ଏଥିପାଇଁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ଶନିବାର ସ୍ଥାନୀୟ ନଗରଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପାର୍ଟିର କାର୍ଯ୍ୟକାରୀ ସଭାପତି ସରୋଜ କୁମାର ସାହୁ, ସମ୍ପାଦକ ସଞ୍ଜୀବ ବେହେରା ସ୍ପଷ୍ଟ କରିଛନ୍ତି । ଗତ ଏପ୍ରିଲ ୧୨ ତାରିଖରେ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜନସମୃଦ୍ଧି ପାର୍ଟିର କର୍ମକର୍ତ୍ତା ।

ଜନସମୃଦ୍ଧି ପାର୍ଟି ଏକ ରାଜନୈତିକ ଦଳ ଭାବେ ନିର୍ବାଚନ କମିଶନଙ୍କଠାରୁ ସ୍ୱୀକୃତି ପାଇଛି । ଆମ ପାର୍ଟିର ଲୋକପ୍ରିୟତା ବୃଦ୍ଧି ଶାସକ ଦଳ ପକ୍ଷରୁ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କାର୍ଯ୍ୟକାରୀ ସଭାପତି ସାହୁ ଅଭିଯୋଗ କରିଥିଲେ । ଦଳ ଆଗାମୀ ନିର୍ବାଚନରେ କାହା ସହ ମେଣ୍ଟ କରିବ ନା ଏକାକୀ ନିର୍ବାଚନ ଲଢିବ ବୋଲି ପ୍ରଶ୍ନ କରାଯିବାରୁ ନିର୍ବାଚନ କମିଟି ଠିକ ସମୟରେ ସେହି ନିଷ୍ପତ୍ତି ନେବ ବୋଲି ଦଳୀୟ କର୍ମକର୍ତ୍ତା କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ସୁରେଶ ସାହୁ, ସଦର ବ୍ଲକ ଅଧକ୍ଷା ଲତିକା ଦେହୁରୀ, ଝୁମ୍ପୁରା ବ୍ଲକ ଅଧକ୍ଷା ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର

ହାଟଡିହୀ, ୨୨।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ପୋଲିସ ଆନନ୍ଦପୁର ଚାଇଲ୍ଡଲାଇନ ଜରିଆରେ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଛି । ନାବାଳିକା ଜଣଙ୍କ ଆନନ୍ଦପୁର କଲେଜର ଛାତ୍ରୀ ଅଟନ୍ତି । ପ୍ରେମ ଜନିତ କାରଣକୁ ନେଇ ଆନନ୍ଦପୁର ପୋଲିସ ଛାତ୍ରୀଙ୍କୁ ନନ୍ଦିପଦା ଥାନାରେ ହାଜର କରାଇଥିଲା । କିନ୍ତୁ ଛାତ୍ରୀ ଜଣଙ୍କ ଘରକୁ ଯିବାକୁ ଅମଙ୍ଗ ହେବାରୁ ତାଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଛି । ଛାତ୍ରୀଙ୍କୁ ପରିବାର ଲୋକଙ୍କ ଅଭିଯୋଗକ୍ରମେ ନନ୍ଦିପଦା ଥାନାରେ ଏନେଇ ଏକ ମାମଲା (ନଂ.୧୫୧/୧୮ ) ରୁଜୁ ହୋଇଛି ।

# କେଶଦୁରାପାଳ ସମବାୟ ସମିତିରେ ଧାନମଣ୍ଡି ଖୋଲିଲା

କୋଲିମାଟି/ ଘସିପୁରା, ୨୨।୧୨(ଡି.ଏନ.ଏ.)

ଘସିପୁରା ବ୍ଲକ କେଶଦୁରାପାଳ ସେବାସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଖୋଲାଯାଇ ଶୁକ୍ରବାର ଧାନ କ୍ରୟର ଶୁଭାରମ୍ଭ ହୋଇଛି । କେଶଦୁରାପାଳ ସେବା ସମବାୟ ସମିତିର ସଭାପତି ହିମାଂଶୁ ଭୂଷଣ ପାଣିଗ୍ରାହୀ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ହରିପ୍ରସାଦ ମିଶ୍ର, ଶିକ୍ଷାବିତ ରଘୁନାଥ ଓଝା, ନବୀନ ଚନ୍ଦ୍ର ବିନ୍ଧାଣୀ, ଜନାର୍ଦ୍ଦନ ଆଚାର୍ଯ୍ୟ, ଦୁର୍ଗାଚରଣ ସାହାଣୀ, ସମିତିର ପୂର୍ବତନ ସମ୍ପାଦକ କଳ୍ପତରୁ ମିଶ୍ର ଓ ପାଣି ପଞ୍ଚାୟତର ସଭାପତି ନାରାୟଣ ସାହୁ ଏବଂ ଧାନକ୍ରୟ କମିଟି ସଦସ୍ୟ ରାଜକିଶୋର ପରିଡା, ବିଜୟ କୁମାର ଦାସ ଓ ଚକ୍ରଧର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ସମିତିରେ ପ୍ରତି ସୋମବାର, ବୁଧବାର ଓ ଶୁକ୍ରବାର ଦିନ ଧାନ କିଣା ଯିବା ପାଇଁ ସ୍ଥିର ହୋଇଛି ବୋଲି ସେବାସମବାୟ ସମିତିର ସମ୍ପାଦକ ଅଶୋକ କୁମାର ଆଚାର୍ଯ୍ୟ ଜଣାଇଥିଲେ ।

## ପାରମ୍ପରିକ ନୃତ୍ୟରେ ସରିଲା ବାର୍ଷିକ ଉତ୍ସବ

ଆନନ୍ଦପୁର, ୨୨।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ କଅଁସ କେନ୍ଦୁଆ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଘସିପୁରା ବ୍ଲକ ଶିକ୍ଷା ଅଧିକାରୀ ଗୋପାଳ ଚନ୍ଦ୍ର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁ ଦାୟିତ୍ୱ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ ଚନ୍ଦ୍ର ରାଉତ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଭାବେ ଜଗନ୍ନାଥ ସଂସ୍କୃତିର ପ୍ରଚାରକ ସତ୍ୟ ଚୈତନ୍ୟ ବ୍ରହ୍ମଚାରୀ ଯୋଗଦେଇ ଗଳ୍ପ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପାରମ୍ପାରିକ ନୃତ୍ୟ ଓଡିଶୀ, ଡାଲଖାଇ, ରଶରକେଲି, ସାନ୍ତାଳି ଆଦି ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ଗୁଣାକାର ରାଜ୍ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଶିକ୍ଷକ ଅମରେନ୍ଦ୍ର ବଳ, ସୁରେନ୍ଦ୍ର କୁମାର ବିଶ୍ୱାଳ, କର୍ମୀ କିସ୍କୁ, ନମିତାରାଣୀ ରଥ, ନିର୍ମଳା ଜେନା, ଜ୍ୟୋସ୍ନାମୟୀ ଚକ୍ର, ଏଲିଜା ମିଶ୍ର, ଅମରେନ୍ଦ୍ର ଦାଶ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।


ବାର୍ଷିକ ଉତ୍ସବରେ ଛାତ୍ରୀଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ ।

## ବିଜେଡିର ପ୍ରତିଷ୍ଠା ଦିବସ

ଚମ୍ପୁଆ,୨୨।୧୨(ଡି.ଏନ.ଏ.)

ଜୋନ ସ୍ତରୀୟ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଶନିବାର ଚମ୍ପୁଆ ୧୩ ନମ୍ବର ଜୋନର ଜାମୁଦଲକଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଯଶବନ୍ତ ନାରାୟଣ ସିଂ ଲାଗୁରୀ ଯୋଗଦେଇ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ବାବୁଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ବ୍ଲକ ସଭାପତି ଚୂଡାମଣୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ପ୍ରଧାନ, ଚମ୍ପୁଆ ପର୍ଯ୍ୟବେକ୍ଷକ ପ୍ରଦୀପ୍ତ ପ୍ରଧାନ, ପୂର୍ବତନ ବ୍ଲକ ସଭାପତି ହେମନ୍ତ ବାରିକ, ଯୋଡା ପୂର୍ବତନ ବ୍ଲକ ସଭାପତି ଗିରୀଧାରି ନାଏକ, ଏନ.ଏ.ସି ସଭାପତି ପ୍ରିୟନାଥ ପତି, ଜିଲା ଯୁବ ସମ୍ପାଦକ ସୁକାନ୍ତ ନନ୍ଦ, ଜିଲା ସଂଖ୍ୟାଲଘୁ ସଭାପତି ନେଶାର ହେୟାତ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ସରକାରଙ୍କ ବିଭିନ୍ନ ଯୋଜନା ଓ ଲୋକ ହିତକର କାର୍ଯ୍ୟ ଉପରେ ଲୋକଙ୍କୁ ଅବଗତ କରାଯାଇଥିଲା । ରାଜ୍ୟରେ ବିଜେଡି ଶାସନାଧିନ ସରକାର ବିଜୁଳି, ପାନୀୟ ଜଳ, ଗୃହନିର୍ମାଣ ଓ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆଦି ବଭିନ୍ନ ଯୋଜନା ଉପରେ ଆଲୋକପାତ କରାଯାଇଥିଲା । ଏହି ଅବସରରେ ୧୩ନଂ ଜୋନର ସୁନାପଶି, କୋଦଗାଡିଆ, ଜାମୁଦଲକ, ରଜିଆ, କୁଟାରିପଶି ଆଦି ୫ ପଞ୍ଚାୟତର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ ।

## ଶାଳନିଆଁରେ ଧାନମଣ୍ଡି ଆରମ୍ଭ


ଧାନମଣ୍ଡି ଶୁଭାରମ୍ଭ କଲେ ଅତିଥି ।

ହାଟଡିହୀ, ୨୨। ୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳନିଆଁରେ ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି । ସମିତିର ସଭାପତି ରଞ୍ଜନ କୁମାର ପହି, ସମ୍ପାଦକ ଉମାକାନ୍ତ ନାୟକ, ଆରଆଇ ମନୋରଞ୍ଜନ ନାୟକ, ଅଜୟ କୁମାର ଜେନା, ସୁନିଲ ଜେନା, ଡିଇଓ ଜୟନ୍ତ ସ୍ୱାଇଁ, ସଞ୍ଜୟ ପହି, ଶ୍ରୀବତ୍ସ ପହି, ରଙ୍ଗାଧର ମଲ୍ଲିକ, ରଞ୍ଜନ ଜେନା, ବେଣୁଧର ଜେନା, ଗଣେଶ୍ୱର ବାରିକ, ପିତବାସ ସ୍ୱାଇଁ, ବିମଳ ଚନ୍ଦ୍ର ପାତ୍ର, ରତିକାନ୍ତ ପୃଷ୍ଟି, ଶ୍ରୀଧର ସ୍ୱାଇଁ, ଆନନ୍ଦ ଚନ୍ଦ୍ର ନାୟକ, ପ୍ରମୁଖ ଉପସ୍ଥିତ ରହି ଧାନ ମଣ୍ଡିର ଶୁଭାରମ୍ଭ କରିଥିଲେ । ୧୪୧୧ ଜଣ ଚାଷୀ ପଞ୍ଜୀକୃତ କରିଥିବା ବେଳେ ସେଥିମଧ୍ୟରୁ ୧୨୮୮ଜଣ ଚାଷୀ ଅନୁମତି ପାଇଥିଲେ । ପ୍ରଥମ ପର୍ଯ୍ୟାୟରେ ୨୫ ହଜାର ୬୦୦ କୁଇଣ୍ଟାଲ ଧାନ କିଣିବାକୁ ଅନୁମତି ମିଳିଥିଲା ।

## ବାଳାଶ୍ରମରୁ ଛାତ୍ର ନିଖୋଜ

ହାଟଡିହୀ,୨୨।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ବିଷ୍ଣୁପ୍ରିୟା ବାଳାଶ୍ରମରୁ ଜଣେ ୧୪ ବର୍ଷର ଛାତ୍ର ନିଖୋଜ ହୋଇଥିବା ନେଇ ଥାନାରେ ଏକ ମାମଲା (ନଂ.୧୫୧/୨୦୧୮) ରୁଜୁ ହୋଇଛି। ଛାତ୍ର ଜଣଙ୍କ ହେଉଛନ୍ତି କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଧୋବାଡିହାର ରାଜେଶ ନାୟକ। ଘଟଣାକୁ ୪ ଦିନ ବିତିଥିଲେ ବି ଛାତ୍ରଙ୍କର କୌଣସି ପତ୍ତା ମିଳିନି।

## ବର୍ଷର ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରେକର୍ଡ

କେନ୍ଦୁଝର, ୨୨।୧୧ (ସ୍ୱ.ପ୍ର.)

ଚଳିତ ବର୍ଷ କେନ୍ଦୁଝରର ସର୍ବନିମ୍ନ ତାପମାତ୍ରା ଶନିବାର ସକାଳେ ରେକର୍ଡ କରାଯାଇଛି । ୮.୮ ଡିଗ୍ରୀ ସେଣ୍ଟିଗ୍ରେଡ ତାପମାତ୍ରା ରହିଛି । ପ୍ରଥମ ଥର ପାଇଁ ତାପମାତ୍ର ୧୦ ଡିଗ୍ରୀ ତଳକୁ ରେକର୍ଡ କରାଯାଇଛି । ଗତ ଶୁକ୍ରବାର ତାପମାତ୍ର ୧୦ ଡିଗ୍ରୀ ଉପରେ ଥିବା ବେଳେ ହଠାତ ୮.୮ ଡିଗ୍ରୀକୁ ଖସି ଆସିବା ଫଳରେ ଜନଜୀବନ ବ୍ୟତିବ୍ୟସ୍ତ ହୋଇ ପଡିଛି । ତାପମାତ୍ରା ଆହୁରି କମିବ ବୋଲି ଅନୁମାନ କରାଯାଉଛି ।

# ନକଲି ଟ୍ରାନ୍‌ଜିଟ୍ ପାସ୍‌ରେ ମୋରମ ଚାଲାଣ

ହାଟଡିହୀ, ୨୨।୧୨(ଡି.ଏନ୍.ଏ.)

ମୋରମ ଚାଲାଣ ନେଇ ନକଲି ଟ୍ରାନଜିଟ୍ ପାସ୍ କାରବାର ହେବା ଘଟଣା ନେଇ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ପୋଲିସ ତନାଘନା ଚଳାଇଛି । ଗତ ୬ ତାରିଖରେ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଏସଆଇ ବିଜୟ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଛେନାପଦି ଅଞ୍ଚଳରେ ଦୁଇଟି ମୋରମ ବୋଝେଇ ଗାଡି ଜବତ କରିଥିଲା ।
ମୋରମ ଗାଡି ଛାଡି ଡ୍ରାଇଭର ଫେରାର ହୋଇଯାଇଥିଲା ।

**ଜବତ ଗାଡ଼ିକୁ ନେଇ ପୋଲିସର ତନାଘନା**

ଅନ୍ୟ ଏକ ଗାଡ଼ି ରାସ୍ତାରେ ଦ୍ରୁତ ଗତିରେ ଖସି ପଳାଇବାବେଳେ ପୋଲିସ ଏହାକୁ ପିଛା କରି ଧରିଥିଲା । ଥାନା ତରଫରୁ ତହସିଲକୁ ସୂଚନା ଦେବା ପରେ ତହସିଲ ତରଫରୁ ଗାଡି ପିଛା ୨୫ ହଜାର ଦୁଇ ଶହ ଟଙ୍କା ଲେଖାଏଁ ଜୋରିମାନା ପାଇଁ ନୋଟିସ୍ କରାଯାଇଥିଲା । କିନ୍ତୁ ଏହି ଗାଡି ମୋରମ କେଉଁଠୁ ଆଣିଲା ସେନେଇ ପୋଲିସ ତନାଘନା କରିଥିଲା । ଜବତ ଟ୍ରକକୁ ନେଇ ଜଣେ ବ୍ୟକ୍ତି ସେହି ଜବତ ସମୟରେ ପୋଲିସ ସହ ଯୁକ୍ତିତର୍କ କରିଥିଲା । କିନ୍ତୁ ମୋରମ ଚାଲାଣ ସମ୍ବନ୍ଧୀୟ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ । କିଛି ଦିନ ପରେ ଜନୈକ ବ୍ୟକ୍ତି ଏହି ମୋରମ ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଞ୍ଚଳରୁ ଆସୁଥିବା ଟ୍ରାନଜିଟ୍ ପାସ୍ ପୋଲିସକୁ ଦେଖାଇଥିଲା । ଏହି ଟ୍ରାନଜିଟ୍ ପାସ୍‌କୁ ନେଇ ନନ୍ଦିପଦା ପୋଲିସ ତନାଘନା ଜୋର କରିଛି । ପରେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳକୁ ଯାଇ ଲୀଜଧାରୀ ସହ ଟ୍ରାନଜିଟ୍ ପାସ୍ ସମ୍ବନ୍ଧୀୟ ତଥ୍ୟ ହାସଲ କରିବାରୁ ଟ୍ରାନଜିଟ୍ ପାସ୍‌ଟି ସମ୍ପୂର୍ଣ୍ଣ ଭାବେ ନକଲି ବୋଲି ଜଣାପଡ଼ିଥିବା ପୋଲିସ ସୂଚନା ଦେଇଛି । ତେବେ ହାଟଡିହୀ ଅଞ୍ଚଳର ଚୋରା ମୋରମ ବେପାରୀଙ୍କ ସହ ଜଣେ ମହିଳା ପୋଲିସ କର୍ମଚାରୀଙ୍କ ଘନିଷ୍ଠ ସମ୍ପର୍କ ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଥିବାବେଳେ ଚର୍ଚ୍ଚା ହେଉଛି । ହାଟଡିହୀ ଅତିରିକ୍ତ ତହସିଲଦାର କହିଛନ୍ତି ଯେ, ଥାନାର ସୂଚନା ଅନୁସାରେ ଆମେ ଜରିମାନା ନୋଟିସ୍ ହୋଇଛି । ଅପରପକ୍ଷେ ପୋଲିସ କହିଛି ଯେ, ଚୋରା ମୋରମ ଚାଲାଣ ହେଉଥିବା ତଦନ୍ତରୁ ଜଣାପଡିଛି । ତଦନ୍ତ ପରେ ସମସ୍ତ ତଥ୍ୟ ଜଣାପଡିବ ବୋଲି ପୋଲିସ କହିଛି ।